ଧରିତ୍ରୀ
DHARITRI
August 21-27, 2022 ₹2/-

# ଛୁଟିଦିନ

ପ୍ରଚ୍ଛଦ ପ୍ରସଙ୍ଗ

୩

# କେଶବତୀଙ୍କ କଥା

ଆଇ ମା’ କାହାଣୀରୁ କେଶବତୀମାନଙ୍କ କଥା ଶୁଣି ଶୁଣି ସତ ସତିକା ତାଙ୍କୁ ଦେଖିବାର ଇଚ୍ଛା କାହାର ବା ନଥାଏ। ହେଲେ କାହାଣୀ ନୁହେଁ ସତରେ ବି ଏମିତି ଅଛନ୍ତି କେଶବତୀ କନ୍ୟାମାନେ, ଯାହାଙ୍କ କଥାକୁ ନେଇ ଏଥରର ପ୍ରଚ୍ଛଦ...





# କେମିତି ରହିବେ ସୁସ୍ଥ

✻ ବାସ୍ତୁଶାସ୍ତ୍ର ଅନୁଯାୟୀ, ପ୍ରଭୁ ହନୁମାନ ହେଉଛନ୍ତି ସୁ-ସ୍ୱାସ୍ଥ୍ୟର ସ୍ୱାମୀ। ତେଣୁ ଘରେ ପ୍ରଭୁ ହନୁମାନଙ୍କର ଫଟୋ ହେଉ ଅବା ମୂର୍ତ୍ତି ରଖିଲେ ଘର ସଦସ୍ୟଙ୍କର ସ୍ୱାସ୍ଥ୍ୟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ।

✻ ସେହିପରି ଘରେ ଯଦି କାହାର ଦେହ ଅସୁସ୍ଥ ଥାଏ, ତା'ହେଲେ ସିଏ ରହୁଥିବା ରୁମ୍‌ର ଉତ୍ତର-ପୂର୍ବ କୋଣରେ କେତୋଟି କ୍ୟାଣ୍ଡେଲ ଜାଳିଲେ ଶୀଘ୍ର ଦେହ ଭଲ ହୋଇଯାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✻ ଅନ୍ୟପକ୍ଷେ, ଘରର ଠିକ୍ ମଝି ଭାଗରେ କେବେ ବି ବିମ୍ ରଖିବେ ନାହିଁ। କାରଣ ଏହା ଘର ଲୋକଙ୍କ ଶରୀର ଉପରେ ଅନେକ କୁ-ପ୍ରଭାବ ପକାଇଥାଏ।

✻ ଘରର ଶିଢ଼ି ତଳେ ଥିବା ଖାଲି ସ୍ଥାନରେ କେବେ ବି ଷ୍ଟୋର ରୁମ୍ କିମ୍ବା ବାଥ୍‌ରୁମ୍ କରିବେ ନାହିଁ, ଏହା ମଧ୍ୟ ପରିବାର ଲୋକଙ୍କ ପାଇଁ ଆଦୌ ଶୁଭଙ୍କର ନୁହେଁ।



✻ ଘରର ମଝି ଅଂଶରେ ଅନେକ ଫର୍ନିଚର୍ ରଖିବା ଆଦୌ ଠିକ୍ ନୁହେଁ। କାରଣ ଏହି ଫର୍ନିଚର ଯୋଗୁ ବେଳେବେଳେ ଘରକୁ ଆସୁଥିବା ସକାରାତ୍ମକ ଶକ୍ତିର ପ୍ରବାହ ବାଧାପ୍ରାପ୍ତ ହୋଇଥାଏ। ଫଳରେ ଏହା ମଧ୍ୟ ସ୍ୱାସ୍ଥ୍ୟ ଉପରେ ଅନେକ କୁ-ପ୍ରଭାବ ପକାଇଥାଏ।

✻ ଶୋଇବା ସମୟରେ ମୁଣ୍ଡ ଦକ୍ଷିଣ ଦିଗକୁ ଏବଂ ଗୋଡ଼ ଉତ୍ତର ଦିଗକୁ ରହିଲେ ଭଲ ନିଦ ହେବା ସହ ଥକ୍କାପଣ ଦୂର ହୋଇଯାଏ ବୋଲି ମାନ୍ୟତା ରହିଛି।

✻ ଇଣ୍ଡୋର ପ୍ଲାଣ୍ଟ ଲଗାଇବା ଘର ପାଇଁ ଭଲ। କିନ୍ତୁ ଘର ଭିତରେ କାକ୍‌ଟସ୍ କିମ୍ବା କଣ୍ଟା ଥିବା କୌଣସି ଗଛ ଲଗାଇବେ ନାହିଁ। ଏହା ଘରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୨୧-୨୭**

**ମେଷ**
କର୍ମଜଞ୍ଜାଳ ବୃଦ୍ଧି, ନୂତନ ମିତ୍ରତା, ପାରିବାରିକ ସ୍ଥିତିରେ ଉନ୍ନତି, ମାଙ୍ଗଳିକ କାର୍ଯ୍ୟର ଆଲୋଚନା ଶାରିରୀକ ଅସୁସ୍ଥତା, କାର୍ଯ୍ୟହାନୀରୁ ବ୍ୟସ୍ତତା, ପରିବାରର ପୂର୍ଣ୍ଣ ସହଯୋଗ, ଗଠନମୂଳକ କାମରୁ ପ୍ରଶଂସା ॥

**ବୃଷ**
ଆର୍ଥିକ ସଂକଟ, କାର୍ଯ୍ୟହାନୀ, ବନ୍ଧୁଙ୍କ ମିଥ୍ୟା ପ୍ରତିଶୃତି, ଉପରିସ୍ଥଙ୍କ ଅନୁକମ୍ପା, ଯାନ୍ତ୍ରିକ ତ୍ରୁଟି, ଅନର୍ଥ ସୃଷ୍ଟି, ଦ୍ୱନ୍ଦ୍ୱରେ ପଡିପାରନ୍ତି, ମଙ୍ଗଳୋତ୍ସବ କାର୍ଯ୍ୟ, ପାରିବାରିକ ସୌଖ୍ୟ, ଆରୋଗ୍ୟ ଲାଭ, ବ୍ୟବସାୟିକ ଉନ୍ନତି, ଶୁଭଖବର ପ୍ରାପ୍ତି ॥

**ମିଥୁନ**
ମିତ୍ରବନ୍ଧୁଙ୍କ ସାହାଯ୍ୟ, ଆତ୍ମୀୟଙ୍କ ଅସହଯୋଗ, ପ୍ରଶଂସିତ ହେବେ, କର୍ମକ୍ଷେତ୍ରରେ ଅତ୍ୟଧିକ ଦାୟିତ୍ୱ, ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ। ଯାତ୍ରାରେ ସମସ୍ୟା, ସନ୍ତାନ ହେତୁକ ଗୌରବ, ପ୍ରଶାସନିକ ତତ୍ପରତା ॥

**କର୍କଟ**
ସମସ୍ୟାବହୁଳ କର୍ମକ୍ଷେତ୍ର, ପାରିବାରିକ ଜଞ୍ଜାଳ ବୃଦ୍ଧି, ଦୂରସ୍ଥାନକୁ ଯାତ୍ରା, ଶାରିରୀକ ସୁସ୍ଥତା, ପ୍ରତିଯୋଗିତାରେ ସଫଳତା, ଅର୍ଥସଙ୍କଟ ଟଳିଯିବ, ସାମାଜିକ ସମ୍ମାନ, ଧର୍ମକାର୍ଯ୍ୟରେ ନିଷ୍ଠା ॥

**ସିଂହ**
ସମସ୍ୟାର ସମାଧାନ, ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ, ପଡୋଶୀଙ୍କ ସମାଲୋଚନା, ଭ୍ରାତୃସମ୍ପର୍କ ହାନି, ଭ୍ରମଣର ସୁଯୋଗ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ନୂତନ କାର୍ଯ୍ୟାରମ୍ଭ, ଭୂମି କ୍ରୟବିକ୍ରୟ, ବିଦେଶଯାତ୍ରାର ସୁଯୋଗ ॥

**କନ୍ୟା**
ଉତ୍ସାହିତ ରହିବେ, ସହାୟତା ପାଇବେ, ବନ୍ଧୁମିଳନର ସୁଯୋଗ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସମ୍ମାନ, ଲକ୍ଷ୍ୟହୀନ ଯାତ୍ରା, ସାମୟିକ ସ୍ୱାସ୍ଥ୍ୟହାନି, ସ୍ତ୍ରୀଙ୍କ ସହ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଧନହାନୀ ଘଟିପାରେ ॥

**ତୁଳା**
କାର୍ଯ୍ୟବ୍ୟସ୍ତ ରହିବେ, ଅପେକ୍ଷାକୃତ ଅସୁବିଧା, ପଡୋଶୀଙ୍କ ବିରୋଧ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ବାଣିଜ୍ୟରେ ଲାଭାଂଶ ବୃଦ୍ଧି, ସାଧାରଣ କଥାରୁ କଳହ, ସହକର୍ମୀଙ୍କ ମନୋମାଳିନ୍ୟ, ଗୃହ ମରାମତି, ବିବାହ ପ୍ରସ୍ତାବ ଆସିବ ॥

**ବିଛା**
ମାନସିକ ଅସୁସ୍ଥତା, ପରିବାରରେ ଝଡ, ବନ୍ଧୁ କ୍ଷୁବ୍ଧ ହେବେ, କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ବନ୍ଧୁଙ୍କ ଅନାଦର ଭାବ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶା ଅନୁରୂପ ଫଳ, କରଜଦାତାଙ୍କ ଚାପ, ରୋଗପୀଡା ହ୍ରାସ, ଗବେଷଣାରେ ଅଗ୍ରଗତି ॥

**ଧନୁ**
କାର୍ଯ୍ୟରେ ସଫଳତା, ଖୁସିର ଆସର ଜମିବ, ନିର୍ମାଣ କାର୍ଯ୍ୟରେ ଦ୍ୱନ୍ଦ୍ୱ, ସମସ୍ୟାର ସମାଧାନ, ଖୋଜୁଥିବା ଜିନିଷ ପାଇବେ, ସୁସମ୍ପର୍କ ବ୍ୟାହତ, ଭୁଲ କାମ କରିପାରନ୍ତି, ଶାରୀରିକ ପୀଡ଼ା, ସରକାରୀ ସୁବିଧା ପ୍ରାପ୍ତି, ଶୁଭଖବର ପାଇବେ ॥

**ମକର**
ଆର୍ଥିକ ଦୂରବସ୍ଥା, ବନ୍ଧୁଙ୍କ ବଦାନ୍ୟତା, ପରିସ୍ଥିତି ବଦଳିଯିବ, ସଭାସମିତିକୁ ନିମନ୍ତ୍ରଣ, ପରିବହନରେ ଝଗଡା, ଗୃହସୀମା ବିବାଦ, ଆଲୋଚନାରେ ମତଭେଦ, ସାହିତ୍ୟାନୁରାଗ, ସାଧନାରେ ରୁଚି ॥

**କୁମ୍ଭ**
ଉନ୍ନତ ଚିନ୍ତା, ନୂତନ କର୍ମାରମ୍ଭ, ସାଧାରଣ ପ୍ରତିବନ୍ଧକ, ବ୍ୟାଙ୍କଲୋନ୍ ପ୍ରାପ୍ତି, ନୂତନ ସମ୍ପର୍କ ସୃଷ୍ଟି, ଆକସ୍ମିକ ଯାତ୍ରା, ସମସ୍ୟାକୁ ସୁଧାରିବେ। ମନୋବଳ ବୃଦ୍ଧି, ମକଦ୍ଦମାରେ ବିଜୟ, କାର୍ଯ୍ୟଦକ୍ଷତାରୁ ପ୍ରଶଂସା ॥

**ମୀନ**
ଶାରୀରିକ ଅସୁସ୍ଥତା, ନିର୍ଭରଶୀଳ ରହିବେ, ଅତୀତ ଘଟଣାର ଅନୁଚିନ୍ତା, ପରୋକ୍ଷ ଶତ୍ରୁତା, ପ୍ରତିଯୋଗିତାରେ ସଫଳତା, ଶୁଭ ଖବର ପାଇବେ, ଆମୋଦ ପ୍ରମୋଦ, ସହଯୋଗ ମିଳିବ, ପାରିବାରିକ ତିକ୍ତତା, ବୟୋଜ୍ୟେଷ୍ଠଙ୍କ ପରାମର୍ଶ ॥

# ନାଚୁରାଲ ଆଣ୍ଟିବାୟୋଟିକ

**ଶ**ରୀରରେ ରୋଗପ୍ରତିରୋଧକ ଶକ୍ତି କମିଗଲେ ବିଭିନ୍ନ ପ୍ରକାରର ରୋଗ ହେବାର ଆଶଙ୍କା ରହିଥାଏ। ସେଥିପାଇଁ ଅନେକେ ଏହି ଶକ୍ତିକୁ ବଢାଇବା ପାଇଁ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାରର ନାମୀଦାମୀ ଔଷଧ କିଣି ସେବନ କରିଥାନ୍ତି। କେତେବେଳେ ଏହା କାମ ଦେଇଥାଏ ତ ଆଉ କେତେବେଳେ ମେଡିସିନ୍ ରିଆକ୍ସନ ହୋଇ ଶରୀରରେ ଆହୁରି କେତୋଟି ନୂଆ ରୋଗ ସୃଷ୍ଟି କରିଦେଇଥାଏ। ସେଥିପାଇଁ ଆଜିକାଲି ଦେଖିବାକୁ ମିଳୁଛି, ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞ କେମିତି ପ୍ରାକୃତିକ ଉପାୟରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇପାରିବ ସେ ନେଇ ବହୁ ପରାମର୍ଶମାନ ଦେଉଛନ୍ତି। ଆଉ ଏଥିପାଇଁ ଯେଉଁ ସବୁ ଜିନିଷ ଆବଶ୍ୟକ ତାହା ଅତି ସହଜରେ ଘରେ ହିଁ ମିଳିପାରୁଛି। ସେଥିପାଇଁ ସେଗୁଡ଼ିକୁ ନାଚୁରାଲ ଆଣ୍ଟିବାୟୋଟିକ୍ ବୋଲି ବି କୁହାଯାଉଛି। ଯେମିତିକି- **ମହୁ:** ଏଥିରେ ହିଲିଂ ପାୱାର୍ ପ୍ରଚୁର ଥିବାରୁ ଏହା ସଂକ୍ରମଣକୁ ରୋକିବା ସହ ଘା'କୁ ଶୀଘ୍ର ଶୁଖାଇବାରେ ବେଶ୍ ସହାୟକ ହୋଇଥାଏ। ତେଣୁ ପ୍ରତିଦିନ କିଛି କିଛି ମହୁ ଖାଇବା ଶରୀର



ପକ୍ଷେ ଭଲ। **ରସୁଣ:** ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ପ୍ରଚୁର ରହିଛି। ପ୍ରତିଦିନ ମାତ୍ର ଦୁଇଟି ରସୁଣ କୋଳା ଖାଇଲେ ବି ଶରୀରକୁ ବହୁ ଉପକାର ମିଳିଥାଏ। **ହଳଦୀ:** ଏଥିରେ ଥିବା ଔଷଧୀୟ ଗୁଣ ଶରୀରର କ୍ଷତକୁ ଶୀଘ୍ର ଠିକ୍ କରିଥାଏ। ପ୍ରତିଦିନ ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇଲେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ।

# ପାଠକୀୟ

✻ ସେ ହିଁ ବନ୍ଧୁ; ଯିଏ ଜୀବନ ସହ, ସମୟ ସହ ବାନ୍ଧି ହୋଇଯାଏ। ଆଉ ଆଜୀବନ ବନ୍ଧୁତା ନିର୍ବାହ କରୁଥାଏ ବର୍ତ୍ତମାନ ଏବଂ ଆବର୍ତ୍ତମାନରେ। ତେଣୁ ବନ୍ଧୁତା ଉପରେ ପର୍ଯ୍ୟବସିତ ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। 'ବନ୍ଧୁତା କେମିତି ତିଷ୍ଠି ରହିବ', 'ବାସ୍ତୁ ଅନୁଯାୟୀ ପେଣ୍ଟିଂ' ଆଦି ପାଠଗୁଡ଼ିକରୁ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା।

*–ସୁଚରିତା ପାତ୍ର, ରାଣୀହାଟ, କଟକ*

✻କହିବା ଆଗରୁ ମନ କଥା ବୁଝିପାରେ ବନ୍ଧୁ। ଆଖିର ଲୁହକୁ ପୋଛି ଓଠରେ ହସ ଫୁଟାଇପାରେ ବନ୍ଧୁ। ସେ ହାତରେ ହାତ ମିଶାଇ ଚାଲିଲେ ଦୁର୍ଗମ ରାସ୍ତା ସୁଗମ ହୋଇଯାଏ। ପାଖରେ ଠିଆ ହୋଇଗଲେ ଭୟ ପାଖ ମାଡ଼େନା। ସେଇଥିପାଇଁ ତ ହୃଦୟ ସହ ହୃଦୟର ଏଇ ସମ୍ପର୍କ ଯୁଗେ ଯୁଗେ ସ୍ୱତନ୍ତ୍ର ହୋଇ ରହିଆସିଛି। ଛୁଟିଦିନର ବିଶେଷ ପ୍ରସଙ୍ଗରେ ସ୍ଥାନ ପାଇଥିବା 'ଦୁଃଖର ସାଥୀ' ନାମକ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଇନ୍ଦ୍ରଧନୁର ସେତୁ' ନାମକ ଗପଟି ମଧ୍ୟ ମନଛୁଆଁ ହୋଇଥିଲା।

*–ସୋନାଲୀ ସାହୁ, ରାଜନଗର, କେନ୍ଦ୍ରାପଡ଼ା*

✻ଏଥରର ସିନେମା ପୃଷ୍ଠାଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ସେହିପରି କୃଷି ବିଶେଷଜ୍ଞ ଓ ଲେଖକ ମାନସ ରଞ୍ଜନ ପଟ୍ଟନାୟକଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ମନଛୁଆଁ ହୋଇପାରିଥିଲା। ସାଥୀର ସମସ୍ତ ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍ ଥିଲା। ରାଖୀ ଉପଲକ୍ଷେ କେତୋଟି ଟ୍ରେଣ୍ଡି ରାଖୀକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଲାଇଫ୍ ଷ୍ଟାଇଲ୍ ପୃଷ୍ଠାଟି ବି ଆଖିଦୃଶିଆ ହୋଇପାରିଥିଲା।

*–ବିକି ପ୍ରଧାନ, ୱାଟର୍ ୱାର୍କ୍ସ ରୋଡ୍, ପୁରୀ*

✻ ମଡେଲ୍ ମିରର୍‌ରେ ଶ୍ରୀବିଦ୍ୟା ଖୁବ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ହୋଇଥିଲା। ବର୍ଷାରେ କର୍ଜତ ବୁଲିଗଲେ କିପରି ମଜାଲାଗେ ତାହା ସହରଠୁ ଦୂର ପୃଷ୍ଠାରୁ ପଢି ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ମେୟର ଘୋଡ଼ା' ସମ୍ପର୍କରେ ପଢି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା। କିନ୍ତୁ କାର୍ଟୁନ କର୍ନରଟି ହସଭରା ହୋଇଥିବାରୁ ଖୁସି ଲାଗିଲା।

*– ବିଶ୍ୱମିତ୍ ମିଶ୍ର, କଣ୍ଟିଲୋ, ନୟାଗଡ଼*

✻ ଏଥରର ବ୍ୟଙ୍ଗ ଭ୍ରମନ୍ତି ''ଭ୍ରମ''ରେ ନାମକ ଆଲେଖ୍ୟଟି ଖୁବ୍ ଶିକ୍ଷଣୀୟ ହୋଇଥିବାରୁ ଖୁସି ଲାଗିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଟ୍ରାନ୍ସଲେସନ୍ କରିବ ଚଷମା', 'ମିରର୍ ବିଟ୍' ଏବଂ 'ସୁନା ଆଖି ଥିବା ଯୁବତୀ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିବାରୁ ଅନେକ କଥା ଜାଣିହେଲା।

*–ଜଗନ୍ନାଥ ଭୋଇ, ସୋନପୁର*

## ବିଶେଷ ଚିଠି




ପ୍ରଚ୍ଛଦରେ ବନ୍ଧୁତା
ମନେ ଭରିଲା ସିଏ ଏକତା।
ବନ୍ଧୁ ପାଇଁ ସବୁ କିଛି କରିବାକୁ
ଏହା ଦେଉଥିଲା ବାର୍ତ୍ତା।
ବାକି ପୃଷ୍ଠା ବି ଶିଖାଉଥିଲା ଅନେକ କଥା
କହୁଥିଲା ହେ ପାଠକଗଣ
ଛୁଟିଦିନକୁ କେବେ କରିବନି ପର
ଖାଅ ସମସ୍ତେ ଏହି ରାଣ।

**–ଅଶୋକ ମହାନ୍ତି, ଜଟଣୀ, ଖୋର୍ଦ୍ଧା**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କେଶବତୀଙ୍କ କଥା



**ଆଇ ମା' କାହାଣୀରୁ କେଶବତୀମାନଙ୍କ କଥା ଶୁଣି ଶୁଣି ସତ ସତିକା ତାଙ୍କୁ ଦେଖିବାର ଇଚ୍ଛା କାହାର ବା ନଥାଏ। ହେଲେ କାହାଣୀ ନୁହେଁ ସତରେ ବି ଏମିତି ଅଛନ୍ତି କେଶବତୀ କନ୍ୟାମାନେ, ଯାହାଙ୍କ କଥାକୁ ନେଇ ଏଥରର ପ୍ରଚ୍ଛଦ...**

### ଲମ୍ବା କେଶ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ

୧୯୬୦ ମସିହାରେ ଜନ୍ମଗ୍ରହଣ କରିଥିବା ଜି କୁଇପିଙ୍ଗ୍ ହେଉଛନ୍ତି ଚାଇନାର ଜଣେ ମହିଳା। ପିଲାଟି ଦିନରୁ ଲମ୍ବା କେଶ ପ୍ରତି ତାଙ୍କର ରହିଥିଲା ଖୁବ୍ ଦୁର୍ବଳତା। ଆଉ କେଶ ପ୍ରତି ଥିବା ତାଙ୍କର ସେହି ଦୁର୍ବଳତା ଯେ ତାଙ୍କୁ ଦିନେ ବିଶ୍ୱ ଦରବାରରେ ଚର୍ଚ୍ଚିତ କରାଇବ, ସେ କଥା ସିଏ କଳ୍ପନା ବି କରି ନ ଥିଲେ। ମାତ୍ର ୧୩ ବର୍ଷ ବୟସରୁ ସେ ଆଉ କେଶ ନ କାଟି ତାହାକୁ ବଢ଼ାଇବାକୁ ଲାଗିଥିଲେ। କେବଳ କେଶକୁ ବଢ଼ାଉଥିଲେ ତାହା ନୁହେଁ, ତା'ର କିପରି ଠିକ୍ ଯତ୍ନ ନେଇହେବ ସେଥିପ୍ରତି ବି ସେ ଥିଲେ ଖୁବ୍ ସଚେତନ। ଯେଉଁଥିପାଇଁ ତାଙ୍କର କେଶ ଦିନକୁ ଦିନ ଘନ ଆଉ କଳା ହେବା ସହ ଲମ୍ବା ମଧ୍ୟ ହେଉଥିଲା। ଆଉ ସେହି କେଶ ପାଇଁ ବି ସେ ଧୀରେ ଧୀରେ ଚର୍ଚ୍ଚିତ ମଧ୍ୟ ହେବାକୁ ଲାଗିଲେ। ଏପରିକି ୨୦୦୪ ମସିହାରେ ଲମ୍ବା କେଶ ପାଇଁ ତାଙ୍କ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଦିଆଗଲା। ସେ ସମୟରେ ତାଙ୍କ କେଶର ଲମ୍ବ ପ୍ରାୟ ୫.୬୨୭ ମିଟର ରହିଥିଲା। ବାସ୍ ତା'ପରଠୁ ତାଙ୍କର ଲୋକପ୍ରିୟତା ଆହୁରି ବଢ଼ିଗଲା। ବିଭିନ୍ନ ମିଡିଆ ସଂସ୍ଥା ତାଙ୍କର ସାକ୍ଷାତ୍କାର ବି ନେଲେ। ଆଉ ପ୍ରତି ସାକ୍ଷାତ୍କାରରେ ଜି କୁଇପିଙ୍ଗ୍ ଗୋଟିଏ କଥା ହିଁ କହୁଥିଲେ ଯେ, 'କେଶ କେତେ ଲମ୍ବା ହେବ ଆଉ ତାହା କିପରି ସୁସ୍ଥ ଓ ସୁନ୍ଦର ରହିବ, ତାହା ଆମ ନିଜ ଉପରେ ହିଁ ନିର୍ଭର କରିଥାଏ। ଆମେ କେଶର ଯେତେ ଭଲ ଯତ୍ନ ନେବା ତାହା ସେତେ ଆକର୍ଷଣୀୟ ଲାଗିବ।'



ନୀଲାଂଶୀ ପଟେଲ

### ଲମ୍ବା କେଶ ଓ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସ

ମହିଳାଙ୍କର କେଶ ଯେତେ ଲମ୍ବା ଆଉ ଘନ ହେବ, ଚେହେରା ସେତେ ଆକର୍ଷଣୀୟ ଲାଗିବ। କିନ୍ତୁ ଏଭଳି ସୌଭାଗ୍ୟ ସମସ୍ତଙ୍କ ଭାଗ୍ୟରେ ନ ଥାଏ। ହେଲେ ମହାରାଷ୍ଟ୍ରର ଥାଣେ ଅଞ୍ଚଳରେ ରହୁଥିବା ଆକାଂକ୍ଷା ଯାଦବ ଏ କ୍ଷେତ୍ରରେ କିନ୍ତୁ ପୂରା ଲକି। କାରଣ ତାଙ୍କର ରହିଛି ପ୍ରାୟ ୩.୦୧ ମିଟର ଲମ୍ବର ଘନ କଳା କେଶ। ଏତେ ଲମ୍ବା କେଶର ଯତ୍ନ ନେବାରେ ବି ସେ ବେଶ୍ ମାହିର। ସେଥିପାଇଁ ତ ତାଙ୍କ ନାମ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇସାରିଛି। ସୂଚନାନୁଯାୟୀ, ଲିମ୍କା ବୁକ୍ ଅଫ୍ ରେକର୍ଡ୍ସର ୩୦ତମ ସଂସ୍କରଣରେ ଆକାଂକ୍ଷାଙ୍କ ନାମକୁ ଭାରତର ସବୁଠାରୁ ଲମ୍ବା କେଶ ରଖିଥିବା ମହିଳା ଭାବେ ବିବେଚନା କରାଯାଇଛି। ତା'ସହିତ ଏହା ମଧ୍ୟ କୁହାଯାଉଛି ଯେ, ଯେବେଠୁ ଆକାଂକ୍ଷାଙ୍କୁ ଏହି ଟାଇଟଲ୍‌ଟି ମିଳିଛି, ସେବେଠୁ ତାଙ୍କର ଏହି ରେକର୍ଡକୁ ଆଉ କେହି ଭାଙ୍ଗି ପାରିନାହାନ୍ତି। ଆକାଂକ୍ଷା ବୃତ୍ତିରେ ଜଣେ ଫାର୍ମାସ୍ୟୁଟିକାଲ୍ ଏବଂ ମ୍ୟାନେଜ୍‌ମେଣ୍ଟ ପ୍ରଫେଶନାଲ୍ ଭାବେ କାମ କରନ୍ତି। କିନ୍ତୁ ଲମ୍ବା କେଶ ରଖିବା ତାଙ୍କର ଏକ ସଉକ। ସେଥିପାଇଁ ଅଧିକାଂଶ ସମୟରେ ଆକାଂକ୍ଷାଙ୍କୁ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ସୁନ୍ଦର ମୁଲାୟମ୍ କେଶ ସହିତ ଫଟୋ ଓ ଭିଡିଓ ଅପ୍‌ଲୋଡ୍ କରୁଥିବାର ଦେଖିବାକୁ ମିଳିଥାଏ। ତେବେ ଆକାଂକ୍ଷାଙ୍କର ଏତେ ସୁନ୍ଦର କେଶ ହେବା ପଛର ରହସ୍ୟ କ'ଣ ଏବଂ ସେ କିପରି ଏହାର ଯତ୍ନ ନିଅନ୍ତି, ସେ ସମ୍ପର୍କରେ ଜାଣିବା ପାଇଁ ୟା'ଭିତରେ ଅନେକ ମିଡିଆ ସଂସ୍ଥା →



ଆକାଂକ୍ଷା ଯାଦବ



ତାଙ୍କର କେତେଥର ସାକ୍ଷାତ୍କାର ନେଇସାରିଲେଣି। କିନ୍ତୁ ଆକାଂକ୍ଷା ଆଜିଯାଏ କାହାରିକୁ ଠିକ୍ ଉତ୍ତର ଦେଇନାହାନ୍ତି। ପଚାରିଲେ ଖାଲି ହସି ଦିଅନ୍ତି ଆଉ କୁହନ୍ତି, 'ଏହା ହେଉଛି ଭଗବାନଙ୍କର ମୋ ପ୍ରତି ବରଦାନ। ସେଥିପାଇଁ ମୋତେ ବିଶେଷ କିଛି କରିବାକୁ ପଡ଼େନି। ଖାଲି ଦିନକ ଭିତରେ ମାତ୍ର ୨୦ ମିନିଟ୍ ମୁଁ ସମୟ ନେଇଥାଏ, ମୁଣ୍ଡ ସଫା କରି ତାହାକୁ ଭଲ ଭାବେ କୁଣ୍ଡାଇବା ପାଇଁ। ବାସ୍ ସେତିକି ହିଁ କରେ। ' ହେଲେ ଆକାଂକ୍ଷାଙ୍କର ଏହି ଉତ୍ତର ଆଜିଯାଏ କାହାରିକୁ ସନ୍ତୁଷ୍ଟି ଦେଇପାରିନି କି ତାଙ୍କର ଲମ୍ବା କେଶ ପଛର ରହସ୍ୟ କ'ଣ ତାହା କେହି ଭେଦ କରିପାରି ନାହାନ୍ତି।

## ଲମ୍ବା କେଶ କାଟି ଦାନ କରିଦେଲେ

ଗୁଜରାଟର ନୀଳାଂଶୀ ପଟେଲ ନାମରେ ଜଣେ ଝିଅ ବି ଲମ୍ବା କେଶ ରଖି ଦିନେ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିଲେ। କିନ୍ତୁ କିଛି ମହତ୍ ଉଦ୍ଦେଶ୍ୟ ରଖି ଶେଷରେ ନିଜର ସୁନ୍ଦର ଲମ୍ବା କେଶକୁ କାଟିବାକୁ ସେ ବାଧ ହେଲେ। ଦିନେ ଲମ୍ବା କେଶ ପାଇଁ ଚର୍ଚ୍ଚିତ ହୋଇଥିଲେ ଆଉ ଏବେ କେଶ କାଟିସାରିବା ପରେ ବି ସେ ଚର୍ଚ୍ଚାର ପରିସରରେ ରହିଛନ୍ତି। ତେବେ ସମ୍ପୂର୍ଣ୍ଣ ଘଟଣାଟି ଥିଲା ଏହିପରି– ନୀଳାଂଶୀଙ୍କୁ ଯେତେବେଳେ ମାତ୍ର ୬ ବର୍ଷ ବୟସ ହୋଇଥିଲା, ସେତେବେଳେ ଭୁଲ୍‌ରେ ଜଣେ କେଶ କଟାଳି ତାଙ୍କର କେଶକୁ ଟିକେ ଏପଟସେପଟ କରି କାଟି ଦେଇଥିଲେ ; ଯାହାକି ନୀଳାଂଶୀଙ୍କୁ ବହୁତ ଖରାପ ଲାଗିଥିଲା। ବାସ୍ ସେବେଠାରୁ ସିଏ ନିଷ୍ପତ୍ତି ନେଇଥିଲେ ଯେ, ଆଉ କେବେ ବି କେଶ କାଟିବେ ନାହିଁ। ଏକଥାରେ ତାଙ୍କ ମା'ବାପା ବି ରାଜିଥିଲେ। ସେମାନେ ଝିଅର ଖୁସି ପାଇଁ ତାକୁ କେଶ ରଖିବାକୁ ଦେଲେ। ଏପରିକି କେଶର ଠିକ୍ ଯତ୍ନ ନେବାରେ ବି ଝିଅକୁ ସେମାନେ ବହୁତ ସାହାଯ୍ୟ ମଧ୍ୟ କରୁଥିଲେ। ଯଦ୍ଵାରା ନୀଳାଂଶୀଙ୍କର କେଶ ଦିନକୁ ଦିନ ଘନ କଳା ହୋଇ ବଢ଼ିବାକୁ ଲାଗିଲା। ୨୦୧୮ ମସିହା ବେଳକୁ ନୀଳାଂଶୀଙ୍କର କେଶ ପ୍ରାୟ ୧୭୦ ସେଣ୍ଟିମିଟର ଲମ୍ବା ହୋଇଯାଇଥିଲା। ଆଉ ସେତେବେଳେ ତାଙ୍କ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଦିଆଯାଇଥିଲା। କିନ୍ତୁ ପୁଣିଥରେ ୨୦୨୦ ମସିହା ବେଳକୁ ତାଙ୍କର କେଶକୁ ମାପିବାରୁ ତାହା ଆହୁରି ବଢି ପ୍ରାୟ ୨୦୦ ସେଣ୍ଟିମିଟର ଅର୍ଥାତ୍ ୨ ମିଟର ହୋଇଯାଇଥିଲା। ଯଦ୍ଵାରା ସିଏ ତାଙ୍କର ପୁରୁଣା ରେକର୍ଡକୁ ଭାଙ୍ଗିବାରେ ପୁଣିଥରେ ସକ୍ଷମ ହୋଇପାରିଥିଲେ। ସେଥିପାଇଁ ନୀଳାଂଶୀ ଯେତିକି ଖୁସି ଥିଲେ ତାଙ୍କ ପ୍ରଶଂସକମାନେ ବି ତା'ଠାରୁ ଅଧିକ ଖୁସି ଥିଲେ। ହେଲେ ହଠାତ୍ ତାଙ୍କ ଜୀବନରେ ସବୁକିଛି ପରିବର୍ତ୍ତନ ହୋଇଗଲା, ଯେତେବେଳେ ତାଙ୍କ ମା' ନୀଳାଂଶୀଙ୍କୁ କହିଲେ ଯେ, ତାଙ୍କର ଏହି ଲମ୍ବା କେଶକୁ କାଟି ଚ୍ୟାରିଟିକୁ ଦାନ କରିବାକୁ। କେବଳ ନୀଳାଂଶୀ ନୁହନ୍ତି, ତାଙ୍କ ମା' ବି ନିଜ କେଶ କାଟି ଏକ ଚ୍ୟାରିଟିକୁ ଦାନ କରିବାର ଯୋଜନା କରିଥିଲେ। ଯେଉଁ ଚ୍ୟାରିଟି କ୍ୟାନ୍‌ସର ପୀଡିତ ପିଲାମାନଙ୍କୁ କେଶ ଦାନ କରିବାର କାର୍ଯ୍ୟ କରିଥାଏ। ମା'ଙ୍କର ଏହି କଥା ଶୁଣି ନୀଳାଂଶୀ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ହେଁ, ତା' ପଛରେ ଥିବା ମହତ୍ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ଶେଷରେ କେଶ କାଟିବାକୁ ରାଜି ହୋଇଯାଇଥିଲେ। ଏବେ କେଶ କାଟିବା ପରେ ବି ନୀଳାଂଶୀ ପୂର୍ବପରି ସେମିତି ଚୁଲ୍‌ବୁଲି ଆଉ ସୁନ୍ଦର ଲାଗୁଛନ୍ତି। ଆଉ କେଶ କାଟିବା ପଛରେ ଥିବା ତାଙ୍କର ମହତ୍ ଉଦ୍ଦେଶ୍ୟକୁ ବୁଝିପାରି ତାଙ୍କ ପ୍ରଶଂସକମାନେ ବି ତାଙ୍କୁ ଆହୁରି ପ୍ରଶଂସା କରୁଛନ୍ତି। ତା'ସହିତ ଏତେ ସୁନ୍ଦର କେଶର ସେ କିପରି ଯତ୍ନ ନେଉଥିଲେ ସେ ନେଇ ବି ଅନେକ ମିଡିଆ ସଂସ୍ଥା ତାଙ୍କର ସାକ୍ଷାତ୍କାର ନେଉଛନ୍ତି, ଯାହାର ଉତ୍ତରରେ ନୀଳାଂଶୀ କହୁଛନ୍ତି, 'ମୁଁ ପ୍ରତି ସପ୍ତାହରେ ଥରେ ମାତ୍ର ମୁଣ୍ଡ ସଫା କରୁଥିଲି। ଅତି ବେଶିରେ ୩୦ ମିନିଟ୍ ଲାଗୁଥିଲା ତାହାକୁ ଶୁଖିବାକୁ କିନ୍ତୁ ତାକୁ କୁଣ୍ଡାଇ ପୁଣିଥରେ ଠିକ୍ କରିବାକୁ ପ୍ରାୟ ୧ ଘଣ୍ଟା ଲାଗିଯାଉଥିଲା। ମୋତେ କେଶ ଖୋଲା କରି ରଖିବାକୁ ବହୁତ ଭଲ ଲାଗୁଥିଲା। କିନ୍ତୁ କେଶର ଠିକ୍ ଯତ୍ନ ପାଇଁ ତାହାକୁ ଖୋଲିବା ଠିକ୍ ନୁହେଁ ଭାବି ମୋତେ ବାଧ ହୋଇ ତାକୁ ବାନ୍ଧିବାକୁ ପଡୁଥିଲା। ବିଶେଷ କରି ଟେବୁଲ୍ ଟେନିସ୍ ଖେଳିଲାବେଳେ ମୋତେ ତାହାକୁ ବାନ୍ଧି ଖୋଷା କରିବାକୁ ପଡୁଥିଲା। କେଶକୁ ସୁସ୍ଥ ରଖିବା ପାଇଁ ପ୍ରତିଦିନ କେଶରେ ମୁଁ ଉଷୁମ ତେଲ ମାଲିସ କରୁଥିଲି। ତା'ସହିତ ସୁଷମ ଖାଦ୍ୟ ବି ଖାଉଥିଲି। ସବୁଠୁ ବଡ଼ କଥା ହେଉଛି କେଶ ଲମ୍ବା ହେବା କିମ୍ବା ଘନ ହେବା ତାହା ବଂଶଗତ ମଧ୍ୟ ହୋଇଥାଏ। ମୋ ମା'ଙ୍କର ଯେହେତୁ ଭଲ କେଶ ଥିଲା, ସେଥିପାଇଁ ହୁଏତ ମୋର ଏତେ ଭଲ ଲମ୍ବା କେଶ ହୋଇପାରିଥିଲା।'

## କେଶବତୀଙ୍କ ଗାଁ

ସମସ୍ତଙ୍କର ଇଚ୍ଛା ଥାଏ ତାଙ୍କ କେଶ ଘନ, କଳା ଆଉ ଲମ୍ବା ହେଉ। ବିଶେଷକରି ଏହି ଅଭିଳାଷ ପ୍ରତ୍ୟେକ ମହିଳାଙ୍କର ରହିଥାଏ। କିନ୍ତୁ ବଢୁଥିବା ପ୍ରଦୂଷଣ, ଦୂଷିତ ଜଳ, କେମିକାଲ୍‌ଯୁକ୍ତ ପ୍ରସାଧାନ ସାମଗ୍ରୀର ବ୍ୟବହାର ଏପରିକି ଚିନ୍ତା ଆଦି କାରଣ ପାଇଁ କାହାର କେଶ ଝଡ଼ିବା ସମସ୍ୟା ଦେଖାଯାଏ ତ ଆଉ କାହାର କେଶ ଅସମୟରେ ପାଚି ଧଳା ପଡ଼ିଯାଏ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଦକ୍ଷିଣ ଚାଇନାରେ ହୁଆଙ୍ଗଲୁଓ ନାମରେ ଏପରି ଏକ ଗାଁ ରହିଛି ; ଯେଉଁଠି ପ୍ରାୟ ସବୁ ମହିଳାଙ୍କର ରହିଛି ଘନ, କଳା ଆଉ ଖୁବ୍ ଲମ୍ବା କେଶ। ସେଥିପାଇଁ ତ ଏହି ଗାଁଟିର ନାଁ ଦୁନିଆର ସବୁଠୁ ଲମ୍ବା କେଶ ଥିବା ଗାଁ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇସାରିଛି। ସୂଚନାନୁଯାୟୀ, ଏହି ଗାଁର ଅଧିକାଂଶ ମହିଳାଙ୍କର କେଶର


କେଶବତୀ ଗାଁର ମହିଳାମାନେ



କଟା କେଶ ସହ ନୀଳାଂଶୀ ପଟେଲ






ଜି କୁଇପିଙ୍ଗ

ଲମ୍ବା ପାଖାପାଖି ୧.୫ ମିଟର ହେବ। ଏପରିକି କିଛି କିଛି ମହିଳାଙ୍କର ୨ ମିଟର ଲମ୍ବର କେଶ ବି ରହିଛି। ତେବେ ଏହି ମହିଳାମାନଙ୍କର କେଶ ଏତେ ଲମ୍ବା ହେବା ପଛର କାରଣ ହେଉଛି, ଏମାନେ କେଶକୁ ଆଦୌ କାଟନ୍ତି ନାହିଁ। କାରଣ ତାଙ୍କର ବିଶ୍ୱାସ ରହିଛି ଯେ, କେଶ ମଥାରେ ଉଠୁଥିବା କୌଣସି ଏକ ସାଧାରଣ ଜିନିଷ ନୁହେଁ; ବରଂ ତାଙ୍କର ପୂର୍ବଜଙ୍କ ସହ ସମ୍ପର୍କ ସ୍ଥାପନ କରିବାର ଏହା ହେଉଛି ଏକ ମାଧ୍ୟମ। ସେଥିପାଇଁ ଏମାନେ କେଶକୁ ନ କାଟି ସେମିତି ରଖି ପୂର୍ବଜଙ୍କୁ ଖୁସି କରିବାକୁ ଚେଷ୍ଟା କରିଥା'ନ୍ତି। ଅବଶ୍ୟ ୧୮ ବର୍ଷ ବୟସରେ ଏଠାରେ ପ୍ରତି ଝିଅଙ୍କର କେଶ କାଟିବାର ଏକ ନିୟମ ରହିଛି। ଆଉ ସେହି କଟାଯାଇଥିବା କେଶକୁ ଝିଅର ବାପଘର ଲୋକେ ଖୁବ୍ ଯତ୍ନର ସହ ସାଇତି ରଖିଥା'ନ୍ତି। ପରେ ଯେତେବେଳେ ଝିଅଟିର ବାହାଘର ହୁଏ, ସେହି କଟାଯାଇଥିବା କେଶକୁ ସ୍ଵାମୀଙ୍କୁ ଉପହାର ସ୍ୱରୂପ ଦେବାର ବିଧି ଏଠାରେ ଆଜିଯାଏ ପ୍ରଚଳିତ ହୋଇଆସୁଛି। ସେହିପରି ଅବିବାହିତ ଝିଅମାନେ କେଶକୁ ଖୋଲା ନ ଛାଡି ବରଂ ଏକ ସ୍ୱତନ୍ତ୍ର ସ୍କାର୍ଫ ଦ୍ୱାରା ବାନ୍ଧିକି ରଖିବାର ନିୟମ ଏଠାରେ ପାଳନ କରିଥା'ନ୍ତି। ଅନ୍ୟପକ୍ଷେ ବିବାହିତ ମହିଳାମାନେ ବି କେଶକୁ ମୁଣ୍ଡ ଚାରିପଟେ ଗୁଡ଼ାଇ ଗୁଡ଼ାଇ ମଥା ଉପରେ ଏକ ଜୁଡା କରି ଦେଇଥା'ନ୍ତି। କାରଣ ଏଠାରେ ଯୁବତୀ ହୁଅନ୍ତୁ କି ମହିଳା କେହି ବି ଖୋଲା କେଶକରି ବୁଲିବା ନିୟମ ବିରୁଦ୍ଧ। ଏପରିକି ଘରର କୌଣସି ଯୁବତୀ କି ମହିଳା ନିଜ ପରିବାର ଲୋକଙ୍କ ବ୍ୟତୀତ ବାହାରର କୌଣସି ପୁରୁଷଙ୍କୁ ନିଜର ଖୋଲା କେଶ ଦେଖାଇବା ବି ଏଠାରେ ଅନେକ ଦିନ ଧରି ବାରଣ ରହିଥିଲା। କିନ୍ତୁ ୧୯୮୦ ମସିହା ପରଠୁ ଏଠାକୁ ମହିଳାମାନଙ୍କର କେଶ ଦେଖିବାକୁ ଟୁରିଷ୍ଟମାନଙ୍କର ଧୀରେ ଧୀରେ ସଂଖ୍ୟା ବଢିବାରୁ ସ୍ଥାନୀୟ ବାସିନ୍ଦାଙ୍କର ଭଲ ଦୁଇ ପଇସା ରୋଜଗାର ହେଲା। ବାସ୍ ତା'ପରଠୁ ଏଠାକାର ମହିଳାମାନଙ୍କୁ ଆଉ କେଶ ଲୁଚାଇବା ବାଧ୍ୟତାମୂଳକ ହୋଇ ରହିଲାନି। ସୂଚନାନୁଯାୟୀ, ସେବେଠାରୁ ପ୍ରତିବର୍ଷ ମାର୍ଚ୍ଚ ମାସରେ ଏଠାରେ 'ଲଙ୍ଗ ହେୟାର୍ ଫେଷ୍ଟିଭାଲ' ପାଳିତ ହୋଇଆସୁଛି ; ଯେଉଁଥିରେ କେବଳ ବିବାହିତା ମହିଳାମାନେ ଭାଗ ନେଇ ସୁନ୍ଦର ଗୀତ ଗାଇ ଆଉ ନାଚ କରି ନିଜର ସୁନ୍ଦର କେଶକୁ ପର୍ଯ୍ୟଟକଙ୍କୁ ପ୍ରଦର୍ଶିତ କରିଥା'ନ୍ତି। ଏଥିରୁ ସେମାନଙ୍କର ଭଲ ରୋଜଗାର ବି ହୋଇଥାଏ। ବିବାହିତା ମହିଳା ସିନା ନିଜ କେଶକୁ ସମସ୍ତଙ୍କୁ ଦେଖାଇ ଦିଅନ୍ତି ହେଲେ ଅବିବାହିତା ଯୁବତୀ ବିବାହ ପରେ ହିଁ ପ୍ରଥମେ ନିଜର ସ୍ୱାମୀଙ୍କୁ ତାଙ୍କର ଖୋଲା କେଶ ଦେଖାଇଥା'ନ୍ତି। ତା'ପରେ ଯାଇ ସେମାନେ ଏହି ଫେଷ୍ଟିଭାଲରେ ଭାଗ ନେବା ପାଇଁ ଯୋଗ୍ୟ ହୋଇଥା'ନ୍ତି। ତେବେ ଏଠାକାର ଏହି ମହିଳାମାନଙ୍କର ଏତେ ଘନ, କଳା କେଶ ହେବା ପଛର କାରଣ ହେଉଛି, ସେମାନେ ତାଙ୍କର କେଶକୁ ସଫା କରିବା ପାଇଁ ଚାଉଳ ଧୁଆ ପାଣିକୁ ଶାମ୍ପୋ ଆକାରରେ ପ୍ରଥମେ ବ୍ୟବହାର କରିଥା'ନ୍ତି, ତା'ପରେ ନିକଟରେ ପ୍ରବାହିତ ହେଉଥିବା ନଦୀକୁ ଯାଇ କେଶକୁ ଭଲ ଭାବେ ଧୋଇ ଦେଇଥା'ନ୍ତି। ହୁଏତ ଏହି କାରଣ ପାଇଁ ସେଠାକାର ମହିଳାମାନଙ୍କର କେଶ ପ୍ରାୟ ୮୦ ବର୍ଷ ବୟସ ପର୍ଯ୍ୟନ୍ତ ପାଚି ନ ଥାଏ ।

–ଅମ୍ବିତା ମିଶ୍ର

# ଡାଏରୀରେ ଅଛି ମୋ ହୃଦୟର କଥା



## ମାମା ଚାହୁଁ ନ ଥିଲେ ମୁଁ ଅଭିନେତ୍ରୀ ହୁଏ

ପିଲାଟିବେଳୁ ନାଚ ପ୍ରତି ମୋର ଦୁର୍ବଳତା ଥିଲା । ତେଣୁ ଓଡିଶୀ ନୃତ୍ୟ ଶିଖିଲି । ହେଲେ ଅଭିନୟ କରିବି ବୋଲି କେବେ ଭାବି ନ ଥିଲି । ତା'ଛଡା ମାମାଙ୍କୁ ଟିଭିରେ ଦେଖି ଭାବୁଥିଲି ଅଭିନୟ କଲେ ବହୁତ କାନ୍ଦିବାକୁ ପଡିବ । ଆଉ ମତେ କାନ୍ଦିବାକୁ ଜମା ଭଲ ଲାଗେନା । ତେଣୁ ଅଭିନୟ କରିବାକୁ ଇଚ୍ଛା ନ ଥିଲା । ମାମା ବି ଚାହୁଁ ନ ଥିଲେ ମୁଁ ଅଭିନୟ କରେ ବୋଲି । ସେଥିପାଇଁ ପ୍ରଥମେ ପ୍ରଥମେ ମୁଁ ଅଭିନୟର କୌଣସି ଅଫର୍ ଗ୍ରହଣ କରୁ ନ ଥିଲି । ତେବେ ଇଞ୍ଜିନିୟରିଂ ପଢିବାବେଳେ 'ମୁଁ ପ୍ରେମୀ ମୁଁ ପାଗଳ' ଚଳଚ୍ଚିତ୍ରର ଅଫର୍ ଆସିଥିଲା । ଭାବିଲି କରିବି । ମାମାଙ୍କୁ ବହୁତ ବୁଝେଇବା ପରେ ସେ ରାଜି ହୋଇଥିଲେ । ହେଲେ ସର୍ତ୍ତ ରଖିଲେ ଅଭିନୟ ପାଇଁ ଯେମିତି ପାଠପଢାରେ ଅସୁବିଧା ନ ହୁଏ । ସେଥିପାଇଁ ଉଭୟ କ୍ଷେତ୍ରରେ ବାଲାନ୍ସ ରଖିବାକୁ ଚେଷ୍ଟା କଲି । ଆଉ ଅଭିନୟ କରିବା ପରେ ଜାଣିଲି ଯେ, ଅଭିନୟର ନିଶା ଥରେ ଘାରିଲେ ଛାଡିବା କଷ୍ଟକର । ଯା ଭିତରେ 'ମୁଁ ପ୍ରେମୀ ମୁଁ ପାଗଳ', 'ସୁଇଟ୍‌ହାର୍ଟ', 'ସମୟ ବଡ଼ ବଳବାନ', 'ରିଭେଞ୍ଜ', 'ସାଥୀ ତୁ ଫେରିଆ' ଆଦି ୧୨ଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଲିଣି । 'କୌନ କିତନେ ପାନି ମେଁ' ନାମକ ହିନ୍ଦୀ ଚଳଚ୍ଚିତ୍ରରେ ଏକ ଛୋଟିଆ ଭୂମିକାରେ ବି ଅଭିନୟ କରିଛି । ଏବେ ରିଲିଜ ଅପେକ୍ଷାରେ ଅଛି 'ଏଇ ବୋଧେ ପ୍ରେମ', 'ତୁ ମୋ କମ୍‌ଜୋରି', 'କୁହ ମୁଁ ତୁମରି ପାଇଁ' ଆଦି ଚଳଚ୍ଚିତ୍ର ।

**ଖାଲି ଯେ ସେ ଜଣେ ଭଲ ଅଭିନେତ୍ରୀ, ତାହା ନୁହେଁ। ତାଙ୍କ ଭିତରେ ଏକ ସୁନ୍ଦର ହୃଦୟଟିଏ ବି ଅଛି, ଯାହା ନିରୀହ ପ୍ରାଣୀଙ୍କ କଷ୍ଟ ଦେଖିଲେ କାନ୍ଦେ। ଆଉ ସେ ହେଉଛନ୍ତି ଅନୁଭା ସୌର୍ଯ୍ୟା। ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣନ୍ତୁ ତାଙ୍କ ସମ୍ପର୍କରେ କିଛି...**

**ଅଭିନେତ୍ରୀ ନ ହେଇଥିଲେ:** ଆର୍କାଏଲୋଜିଷ୍ଟ ଅବା ଡ୍ୟାନ୍ସର ହେଇଥାନ୍ତି ।

**ଫିଟନେସ୍ ମନ୍ତ୍ର:** କାମ ଓ ପାଠପଢା ଯୋଗୁ ରେଗୁଲାର ଜିମ୍ ଯାଇପାରେନା । ହେଲେ ଡ୍ୟାନ୍ସ ପ୍ରାକ୍ଟିସ ପାଇଁ ମୁଁ ଫିଟ୍ ରହିଥାଏ । ସମୟ ମିଳିଲେ ଘରେ କିଛି କିଛି ବ୍ୟାୟାମ ବି କରେ ।

**ପ୍ରିୟ ଖାଦ୍ୟ**
ଦହି ପଖାଳକୁ ବାଇଗଣ ପୋଡା ମୋର ବହୁତ ପ୍ରିୟ । ଡାଇଟିଂବେଳେ ମୁଁ ଦହି ଭାତ ଖାଏ । ଆଉ ଅନ୍ୟ ସମୟରେ ମତେ ପଖାଳ ଖାଇବାକୁ ଭଲ ଲାଗେ । ବାଙ୍ଗାଲୋର୍‌ରେ ରହୁଥିବାରୁ ଓଡିଶାର ଟେଷ୍ଟି ଷ୍ଟ୍ରିଟ୍ ଫୁଡ ସହ ଅଭଡାକୁ ମୁଁ ବହୁତ ମିସ୍ କରୁଛି ।

**ସିଙ୍ଗଲ ଅନୁଭା:** ଏଯାଏଁ ତ କେହି ମୋ ଜୀବନରେ ନାହାନ୍ତି । ଆଉ ଯିଏ ବି ଟିକେ ପସନ୍ଦ ଆସିଥିଲେ ସମୟ ଅଭାବରୁ କଥା ଆଗେଇ ପାରିଲାନି ।

**ଜୀବନସାଥୀ:** ମୋ କାମକୁ ବୁଝିପାରୁଥିବା ଓ ମୋ ସଫଳତାରେ ଖୁସି ହୋଇପାରିବା ଭଳି ମଣିଷଟିଏ ଚାହେଁ ।

**ମୋ ବେଷ୍ଟଫ୍ରେଣ୍ଡ:** ଆଇ ମୋର ଭଲ ସାଙ୍ଗ । ତେଣୁ ଏମ୍‌ବିଏ କରିବା ପାଇଁ ବାଙ୍ଗାଲୋର ଆସିବାବେଳେ ସେ ବି ମୋ ସହିତ ଆସିଛନ୍ତି । ତାଙ୍କ ସହିତ ମୁଁ ସବୁକଥା ଶେୟାର କରେ । ଆଉ ଯେଉଁକଥା କହି ହୁଏନା ତାକୁ ମୁଁ ମୋ ଡାଏରୀରେ ଲେଖିଦିଏ ।



**ପେଟ୍ ପ୍ରିୟ ଅନୁଭା:** ନେଉଳ, କୁକୁର, ବିଲେଇ ପରି ଅନେକ ପେଟ୍ ଆମ ଘରେ ସବୁବେଳେ ରହିଛନ୍ତି । ଘରେ କହନ୍ତି ମତେ ଯେତେବେଳେ ମାତ୍ର ୬ମାସ ହେଇଥିଲା ଘରେ ଥିବା ନେଉଳ ଦିଟା ମତେ ଗେହ୍ଲା କରାଯାଉଥିବା ଦେଖି ଇର୍ଷାରେ ମୋ ନାକକୁ ଖୁମ୍ପି ଦେଇଥିଲେ, ଯାହାର ଦାଗ ଏବେବି ଅଛି । ଏଇ ଘଟଣା ପରେ ବି ଜୀବଜନ୍ତୁଙ୍କ ପ୍ରତି ଭଲ ପାଇବା କାହାର କମି ନ ଥିଲା । ଏବେ ମୁଁ ମୋ ମାମାଙ୍କ ସହ ମିଶି ଏଡକ୍ଯୁଟିଇ ନାମକ ସଂସ୍ଥା ସହ କାମ କରୁଛି । ଆମେ ପରିତ୍ୟକ୍ତ ପେଟ୍‌ଙ୍କୁ ଉଦ୍ଧାର କରି ତାଙ୍କର ଯତ୍ନ ନେଉଛୁ । ଅନେକ ପେଟ୍ ଆମ ଘରେ ରହି ଟ୍ରିଟମେଣ୍ଟ ହେଇ ଭଲ ହୋଇଛନ୍ତି । ଏମିତିରେ ତାଙ୍କ ପ୍ରତି ଏତେ ଆତ୍ମୀୟତା ଆସିଯାଏ ଯେ, ଭଲ ହେବା ପରେ ବି ଅନେକ ସମୟରେ ଆମେ ତାଙ୍କୁ ଛାଡି ପାରୁନା । ଘରେ ରଖିଦେଉ । ଫଳରେ ଆମଘରେ ଏବେ ୬ଟି ପେଟ୍ ଅଛନ୍ତି ।

**ଉଇକ୍ ପଏଣ୍ଟ:** ମୁଁ ବହୁତ ସରଳ ବିଶ୍ୱାସୀ । ମତେ ଯିଏ ଯାହା କହେ ତାକୁ ମୁଁ ସହଜରେ ସତ ବୋଲି ମାନିଯାଏ ।

**ଡର ଲାଗେ:** ପିଲାଦିନେ ମାମାଙ୍କଠୁ ମୁଁ ବହୁତ ମାଡ ଖାଇଛି । ଯଦିଓ ଏବେ ସେ ମୋ ସାଙ୍ଗ ପାଲଟି ଯାଇଛନ୍ତି, ତଥାପି ସବୁଠୁ ବେଶି ମୁଁ ତାଙ୍କୁ ହିଁ ଡରେ ।

**ପ୍ରଥମ କ୍ରଶ:** ଶାହରୁଖ ଖାଁ, ରାହୁଲ ଦ୍ରାବିଡ ମୋର ପ୍ରଥମ କ୍ରଶ୍ ଥିଲେ । ଆଉ ରାଜନେତା ସଚିନ ପାଇଲଟ୍‌ଙ୍କ ପାଇଁ ମୁଁ ଏତେ ପାଗଳ ଥିଲି ଯେ, ସେ ଯେବେ ବାହା ହୋଇଥିଲେ ମୁଁ ବହୁତ କାନ୍ଦିଥିଲି ।

**ଛାଡିପାରିବିନି ଅଭିନୟ:** ଅଭିନୟ ଏମିତି ଏକ ନିଶା ଯାହାକୁ ଛାଡିବା ଆଦୌ ସହଜ ନୁହେଁ । ପଢାସାରି ଚାକିରି କଲେ ବି ମୁଁ ଅଭିନୟ କରିବି ।

**–ଶିବାନୀ ମହାନ୍ତି**






ବାପାଙ୍କ ସହ ଅନୁଭା

**ବାପା ଭାରି କୁଲ୍**
ମୋ ବାପା(ଏଲ୍.ଏନ୍. ଷଡଙ୍ଗୀ) ବହୁତ ଶାନ୍ତ । ସେ ବିଦେଶରେ ରହୁଥିବାରୁ ବେଶି ସମୟ ଆମକୁ ଦେଇପାରନ୍ତିନି । ତଥାପି ତାଙ୍କ ସହ ମୋ ସମ୍ପର୍କ ବହୁତ ଖାସ୍ । ତାଙ୍କ ପରି ଭଲ ପଢିବା ଓ ସାରା ପୃଥିବୀ ଭ୍ରମଣ କରି ତାଙ୍କଠୁ ବଡ ପାସ୍‌ପୋର୍ଟ ସଂଗ୍ରହ କରିବା ମୋର ଇଛା ।

# ପ୍ରକୃତି ଦେଇଛି ପ୍ରେରଣା



ଶିଳ୍ପୀ କେବଳ ଯେ, କଳାକୃତି ନିର୍ମାଣ କରେ ତା' ନୁହେଁ ବରଂ କଳାକୃତି ମାଧ୍ୟମରେ ନିଜମନର ଭାବନାକୁ ବ୍ୟକ୍ତ କରିପାରେ। ସମାଜକୁ ସଚେତନ କରିଥାଏ। ସେମିତି ଜଣେ ଶିଳ୍ପୀ ଯେ କି ପ୍ରକୃତିର ମାଧୁର୍ଯ୍ୟକୁ ନେଇ ପ୍ରସ୍ତୁତ କରିଥାନ୍ତି କଳାକୃତୀ। ସେ ପୁଷ୍ପର ସୁଗନ୍ଧ ହେଉକି ଝରଣାର କଳକଳ ନାଦ, ପକ୍ଷୀର କାକଳି, ପବନର ମୃଦୁମନ୍ଦ ହିଲ୍ଲୋଳ ଅବା ଭିଜାମାଟିର ବାସ୍ନା ଆଦିର ଅନୁଭବକୁ ସେ ଚିତ୍ରରେ ପରିପ୍ରକାଶ କରିବାର ପ୍ରୟାସ କରିଥାନ୍ତି। ଏମିତିରେ ସେ ଦୀର୍ଘ ୨୨ବର୍ଷ ଧରି ସାଧନା ଜାରି ରଖିଛନ୍ତି। ଏହାଛଡା ଓଡ଼ିଶାର କଳା, ସଂସ୍କୃତି ଓ ବିଭିନ୍ନ ପ୍ରଥା ପରମ୍ପରାକୁ ନେଇ ସୃଷ୍ଟି କରନ୍ତି ତାଙ୍କର କଳାକାରିଗରି ଦୁନିଆ। ନିଜ ରାଜ୍ୟରୁ ଆରମ୍ଭକରି ଦେଶବିଦେଶର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇସାରିଛି ତାଙ୍କର ଅନେକ କଳାକୃତି। ଏଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ଶିଳ୍ପୀ ଶୁଭ୍ରା ଚାନ୍ଦ। ଜନ୍ମ ୧୯୭୬ ମସିହା, ଏକ ବଙ୍ଗୀୟ ପରିବାରରେ। ପିତା ମଧୁସୂଦନ ଦାସ, ମାତା ଆଲୋକଲତା ଦାସ। ସେ କୁହନ୍ତି, ମୋ ବାପା କଲିକତାରୁ ଆସି ମଧ୍ୟପ୍ରଦେଶର କଟନୀସ୍ଥିତ ଆୟୁଧ ନିର୍ମାଣ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ବାପାଙ୍କ ସରକାରୀ ଆବାସଟି ଏକ ପ୍ରାକୃତି ପରିବେଶ ଘେରା ନିଛାଟିଆ ସ୍ଥାନରେ ଥିଲା। ନିକଟରେ ପାହାଡ଼ିଆ ରାସ୍ତା, ପାଖରେ ଝରଣା ବହୁଥିଲା। ଚାରିପାଖରେ ପିଜୁଳି, ମହୁଲ ଓ ଶାଳଗଛର ବଣଥିଲା । ଏମିତି ପରିବେଶରେ ବାପା, ମା ଓ ଭାଇଙ୍କ ସହିତ ରହୁଥିଲୁ। କିନ୍ତୁ ପିଲାଟି ଦିନରୁ ମୋ ମା' ମୋତେ କଳାସଂସ୍କୃତି ପ୍ରତି ଉତ୍ସାହିତ କରୁଥିଲେ। ଫଳରେ ସ୍କୁଲ ବୟସରୁ ନୃତ୍ୟ, ଅଭିନୟ ଓ ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇଥିଲି। ସେଥିପାଇଁ ଘରେ ଏକ ଚିତ୍ରକଳା ସଂସ୍ଥାକୁ ମତେ ଶିକ୍ଷା ପାଇଁ ପଠାଇଥିଲେ। ସେତେବେଳେ କଟ୍‌ନୀର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦୁର୍ଗା ଓ କାଳୀପୂଜା ଅବସରରେ ଆୟୋଜିତ ନୃତ୍ୟ ଓ ଅଭିନୟରେ ଭାଗ ନେଉଥିଲି। କେତେକ ସଂସ୍ଥାରୁ ପୁରସ୍କୃତ ହୋଇଥିଲି। ବିଶେଷକରି ଚିତ୍ରକଳା ପ୍ରତି ମୋର ଅଧିକ ଆଗ୍ରହ ବଢିଯାଇଥିଲା। ଏପରି କି ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ତିଆରି ହେଉଥିବା ସରସ୍ୱତୀ ପୂଜା, ଗଣେଶ ପୂଜା ଓ ଲକ୍ଷ୍ମୀ ପୂଜା ମଣ୍ଡପଗୁଡ଼ିକୁ ସାଜସଜ୍ଜା କରୁଥିଲି। କେନ୍ଦ୍ରୀୟ ବିଦ୍ୟାଳୟ କଟନୀରେ ପାଠପଢା ବେଳେ ସେଠାର କଳା ଓ ସାହିତ୍ୟ ଶିକ୍ଷକ ମତେ ସର୍ବଦା ଉତ୍ସାହିତ କରୁଥିଲେ। ୧୯୯୧ ମସିହାରେ କେନ୍ଦ୍ରୀୟ ବିଦ୍ୟାଳୟ ତରଫରୁ ସ୍କାଉଟ ଓ ଗାଇଡ଼ କ୍ୟାମ୍ପରେ ଭୁବନେଶ୍ୱର ଯାଇଥିଲି। ଏଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଇଥିଲୁ। ଅବଶ୍ୟ ଏହା ପୂର୍ବରୁ ୧୯୮୮ରେ ବାପା, ମା ଓ ବଡ଼ଭାଇଙ୍କ ସହିତ ପୁରୀ ଯାଇଥିଲି। ପୁରୀରେ ମହାପ୍ରଭୁଙ୍କର ମୂର୍ତ୍ତି, ପିପିଲି ଚାନ୍ଦୁଆ ବିଭିନ୍ନ ପାରମ୍ପରିକ କଳାକୃତି ଦେଖି ଖୁସୀ ହୋଇଯାଇଥିଲି। ମୋର କଳା ପ୍ରତି ଆଗ୍ରହ ଦେଖି ବାପା ମୋତେ ଉଚ୍ଚଶିକ୍ଷା ପାଇଁ ଜବଲପୁର ଫାଇନ ଆର୍ଟ କଲେଜକୁ ପଠାଇଥିଲେ । ଏଠାରେ ଚିତ୍ରକଳାରେ ଏମ୍‌ଏ କଲି। ଜବଲପୁରର ଅନିତ ଦୂରରେ ଥିଲା ଭେଡ଼ାଘାଟ ଓ ଧୂଆଁଧାର ଜଳପ୍ରପାତ । ପାଖରେ ମାର୍ବଲ ମୂର୍ତ୍ତି ନିର୍ମାଣ ହୁଏ ଓ ପର୍ଯ୍ୟଟକଙ୍କୁ ବିକ୍ରି କରାଯାଏ। ଜବଲପୁର ରହଣି କାଳରେ ମାର୍ବଲ ପଥର ଖୋଦେଇକରି ମୂର୍ତ୍ତି ନିର୍ମାଣ କାମ ଶିଖିଲି। ଚିତ୍ରାଙ୍କନ ସହ ମୂର୍ତ୍ତି ନିର୍ମାଣ ମୋତେ ଅଧିକ ଉତ୍ସାହିତ କରୁଥିଲା। ସେତେବେଳେ ଏଠାରେ ଯେଉଁଠି କଳାକୃତି ପ୍ରଦର୍ଶନୀ ହେଉଥିଲା ସେଥିରେ ଭାଗନେଉଥିଲି। ଏମିତି କଳାକାରିଗରିର ଅଭ୍ୟାସ ଜାରି ରହିଥାଏ। ପୁଣି ପିଲାଦିନର ଅନେକ ସ୍ମୃତିକୁ ଆବୋରି ଚିତ୍ରାଙ୍କନ ସହ କବିତା ଓ ଗଳ୍ପରଚନା କରୁଥିଲି। ମୋ ଚିତ୍ରାଙ୍କନରେ ପ୍ରକୃତିର ବିଭିନ୍ନ ଚିତ୍ରକୁ ସ୍ଥାନ ଦେଇଥାଏ। ଚିତ୍ରରେ ମୋର ଅନ୍ତର୍ନିହିତ ଭାବନା ଏବଂ ମାନସିକତାକୁ ଅଭିବ୍ୟକ୍ତ କରିବାକୁ ପ୍ରୟାସ କରିଥାଏ। ଏମିତି ବି ଚେଷ୍ଟାକରେ– ପବନ, ତାପମାତ୍ରା, କମ୍ପନ, ଧ୍ୱନି, ତରଙ୍ଗ ଆଦିକୁ ଅନୁଭବକରି ତାହାକୁ ଚିତ୍ରରେ ରୂପ ଦେବାକୁ । ଭାରତର ଦିଲ୍ଲୀ, ମୁମ୍ବାଇ, କଲିକତା, ଭୁବନେଶ୍ୱର, ଚଣ୍ଡିଗଡ଼, ପାଟନା, ବେଙ୍ଗାଲୁର, ରାୟପୁର, ହାଇଦ୍ରାବାଦ, ଗୋଆ, ଜାମ୍ମୁ ଆଦି ସହରରେ ଅନେକଥର ମୋ ଦ୍ୱାରା ଅଙ୍କିତ ଚିତ୍ର ଗୁଡ଼ିକ ପ୍ରଦର୍ଶନୀରେ ସ୍ଥାନ ପାଇବା ସହ ସମ୍ମାନିତ ହୋଇପାରିଛି। ୨୦୧୧ରେ ଆମେରିକାରେ ଆୟୋଜିତ ହୋଇଥିବା ଏକ ଛୋଟ ଚିତ୍ରପ୍ରଦର୍ଶନୀରେ ମୋର ସ୍ଥାନ ପାଇଥିବା ଚିତ୍ର ଆଧାରରେ ଆମେରିକାର ବିଶିଷ୍ଟ କବି କେଣ୍ଡଲ ମରିୟମ୍ ଅନେକ କବିତା ରଚନା କରିଥିଲେ। ପ୍ରାୟ ୫୧ଟି କବିତାକୁ ନେଇ ସେ ୨୦୧୨ରେ ଏକ କବିତା ସଂକଳନ 'ଦି ଲାଇଟ ରିଲିଜିୟସ ଇନ୍-ଟୁ ଇଭିନିଂ' ପ୍ରକାଶ କରିଥିଲେ। ଏହି ପୁସ୍ତକଟିକୁ ସେ ମୋତେ ଉତ୍ସର୍ଗ କରିଥିଲେ। ଏହି ବହିଟିର ପ୍ରଚ୍ଛଦରେ ମୋର ଏକ କାଳ୍ପନିକ ଆକୃତି ସ୍ଥାନ ପାଇଥିଲା। ଯାହାକୁ ଚିତ୍ରକର ଷ୍ଟିଫେନ ପେଟ୍ରୋଫ ଅଙ୍କନ କରିଥିଲେ। ଏହି ବହିଟି ଆମେରିକାରେ ଖୁବ୍ ଆଦୃତ ମଧ୍ୟ ହୋଇଥିଲା। ସମୟକ୍ରମେ ୧୯୯୯ରେ ଛତିଶଗଡ଼ର ଖଇରାଗଡ଼ସ୍ଥିତ ଇନ୍ଦିରା କଳାସଂଗୀତ ବିଶ୍ୱବିଦ୍ୟାଳୟରେ ପିଏଚଡ଼ି ପାଇଁ ଯାଇଥିଲି। ସେଠାକାର ପ୍ରାକୃତିକ ପରିବେଶ ମୋତେ ଅତ୍ୟନ୍ତ ଆକୃଷ୍ଟ କରୁଥିଲା। ଚିତ୍ରାଙ୍କନ ଛାଡ଼ି ଭାବନାତ୍ମକ ଏବଷ୍ଟ୍ରାକ୍ଟ ଚିତ୍ରାଙ୍କନ ଆରମ୍ଭ କଲି।





ମଧ୍ୟପ୍ରଦେଶର ଲୋକକଳା, ଆଦିବାସୀ କଳା ସମ୍ପର୍କରେ ଗବେଷଣା କରିଲି। ପିଏଚଡି କରୁଥିବା ଅବସରରେ ଅନୁପ କୁମାର ମୋତେ ଚିତ୍ର ରଚନା ଓ ପିଏଚଡିରେ ବହୁ ସାହାଯ୍ୟ ଓ ସହଯୋଗ କରିଛନ୍ତି। ସମୟକ୍ରମେ ୨୦୦୦ ମସିହାରେ ତାଙ୍କ ସହିତ ମୋର ବିବାହ ହୋଇଥିଲା। ଓଡ଼ିଆଘରର ବୋହୁ ହେବାସହ ଓଡ଼ିଶାର କଳାକାରିଗରିକୁ କାମ କରିବାରେ ମୁଁ ବେଶ୍ ସନ୍ତୁଷ୍ଟ। **–ବନବିହାରୀ**

**ସେ ଏମିତି ଜଣେ ଶିଳ୍ପୀ ଯେ କି ପ୍ରକୃତିର ମାଧୁର୍ଯ୍ୟକୁ ନେଇ ପ୍ରସ୍ତୁତ କରିଥାନ୍ତି କଳାକୃତୀ। ପୁଷ୍ପର ସୁଗନ୍ଧ ହେଉକି ଝରଣାର କଳକଳ ନାଦ, ପକ୍ଷୀର କାକଳି, ପବନର ମୃଦୁମନ୍ଦ ହିଲ୍ଲୋଳ ଅବା ଭିଜାମାଟିର ବାସ୍ନା ଆଦିର ଅନୁଭବକୁ ସେ ଚିତ୍ରରେ ପରିପ୍ରକାଶ କରିବାର ପ୍ରୟାସ କରିଥାନ୍ତି...**









# ବର୍ଷା

- ମୋନାଲିସା ଦାଶ ଦ୍ୱିବେଦୀ

ଶୂନ୍ୟନିଳର ଆତ୍ମଲିପି
କଳାମେଘର ଗୋପନ ଅଭିସାର
ଥମ ଥମ ଆକାଶର ଛାତି
ଲଣ୍ଡା ପାହାଡ଼ ଉହାଡ଼ରୁ
ତେଜୋଦୀପ୍ତ ସୂର୍ଯ୍ୟର ବିଜୟ ଉଲ୍ଲାସ

କବିର କବିତା
କାବ୍ୟର ଚେତନା
ମାଟିର ମହ ମହ ବ୍ୟଥା
ପାଖୁଡ଼ାଏ ଟଳମଳ ସ୍ୱପ୍ନ
ପ୍ରେମିକାର ଖୋଲା କବରୀରେ
ପାହିଥିବା ରାତି

ଦେହାତିତ ପ୍ରେମର ପ୍ରତିଧ୍ୱନୀ
ପାଉଁଜି ରୁଣୁଝୁଣୁ ଅଳତା ପାଦ
ଜୀଇଁବାର ଦୁର୍ବାର କାମନା
ତୃଷାର୍ତ୍ତ ମାଟିର ଅବଦମିତ ଆହ୍ୱାନ

ପତ୍ରର କୋଳରେ ବିନ୍ଦୁଏ ଜଳର ଐଶ୍ୱର୍ଯ୍ୟ
ଘାସର ପୁନର୍ଜନ୍ମ ନା ଜୀବନର
କୃଷି ଲାଗି କୃଷକର ଆତ୍ମସମର୍ପଣ
ଜହ୍ନ ରାତି ସାରା ମାପୁଥାଏ
ଫୁଲେଇ ନଈ ମନ।

*-କାନାଡ଼ା, ମୋ: ୭୪୭୭୭୨୪୧୧୯*

# ସୀତାନାନୀ

–ମହାଶ୍ୱେତା ସାହୁ

ନିଜର ହଳଦିଆ ସୂତା ଶାଢ଼ୀ ଖଣ୍ଡକ ଓଲଟ ଭାବେ ପିନ୍ଧିଥିଲା ସେ । ହାତରେ ପୁଳାଏ ନାଲିଆ ରଙ୍ଗର ପାଣିଚୁଡି । ତା' ଚୁଡି ଉପରେ ଥିଲା କୁଟା ଚିହ୍ନ । ନିଜର କ୍ଷୋଭକୁ ଗାଳି କରି ସେ ତା'ର ଉଚ୍ଚ ସ୍ୱରର ଉପଯୋଗ କରି କହୁଥିଲା ରଡ଼ିକଲା ପରି–

"ଆରେ ରଇଜଳା, ବାଡିପଡ଼ା କିଏରେ... ମୋର ବାଡିର ସର୍ବସ୍ୱ ଉଜାଡି ଦେଇ ଯାଇଛ.. ମୋ ବାଡିର ଆମ୍ବ ଖାଇ ହଗ, କେବେ ତୁମର ହଜମ ନ ହେଉ। ଝାଡାବାନ୍ତି ହୋଇ ବାହରୁ... । ଗାଳି ଦେଉ ଦେଉ ଲୁହପୂର୍ଣ୍ଣ ଆଖିରେ ନିଜର ହାତ ତିଆରି, ଶ୍ରମରେ ଠିଆ କରିଥିବା ପରିବା ବଗିଚାର ସର୍ବସ୍ୱ ଧ୍ୱଂସ ରୂପ ଦେଖି ମର୍ମାହତ ହୋଇ ପଡୁଥିଲା ।

ଆମ୍ବତୋଳିବାକୁ ଆସିଥିବା ପିଲାଗୁଡାକ ତା'ର ବାଇଗଣ, କଲରା, କଞ୍ଚାଲଙ୍କା, କାକୁଡି, ଜହ୍ନିର ଲତା ସବୁକୁ ଛିନ୍ନଛତ୍ର କରି ଦେଇ ଯାଇଥିଲେ । ଗାଳି ଦଉଦଉ ତାର ଅଦା, ହଳଦୀ କିଆରି ଭିତରେ ହାତପୂରାଇ ଅଣ୍ଡାଳି ଆଣିଲା ଗଛରୁ ଖସିପଡିଥିବା ବାକି ଆମ୍ବ ମଧ୍ୟରୁ ଆଠକି ଦଶଟା ।

ଏଇସନ ପ୍ରଥମ କରି ହୋଇଥିଲା । ଏଇ ଗଛରେ ଆମ୍ବ । ଖୁବ୍ ମିଠା, ଚିନିପରି ମିଠା, କଞ୍ଚାରେ ମଧ୍ୟ ପୁରା କାକୁଡି ପରି ସ୍ୱାଦିଷ୍ଟ । ଗୋଟେ ବୋଲି ଆଉ ନ ଥିଲା ଆମ୍ବ ଗଛରେ । ଏଇ ଆମ୍ବ ତା' ବାପାଘର ଗଛର ଏଇ ଏକ ରୂପ ।

ତାହିସବୁ ଭାଙ୍ଗିପଡିଛି ବେକମୋଡି ପଡିଥିବା ଉଦାସୀନାରୀ ପରି ବିକ୍ଷିପ୍ତ ଭାବରେ । ନୂଆ କଅଁଳି ଆସୁଥିବା ହଳଦୀ ଅଦାପତ୍ର ସବୁ ପାଦର ଦଳାଚକଟାରେ ଶୋଇପଡିଛି । ଦେହ ତାର କ'ଣ ହୋଇଗଲା । ଏସବୁ ତାରି ପରିଶ୍ରମର ଫଳ । ଅକାଳକୁଷ୍ମାଣ୍ଡ ସ୍ୱାମୀ ତାର। କିଛି କାମ କରେ ନାହିଁ। ମାଦଳ ପରି ଶେଜରେ ଗଡୁଥାଏ।

ରହି ରହି ଖାଲି ଆଦେଶ ଓ ନିର୍ଦ୍ଦେଶ ଦିଏ– ଏଇଟା କରିଦିଅ ସେଇଟା ଆଣିଦିଅ । ବଜାରରୁ ମାଛ କି ପରିବା ପାଇଁ କହିଲେ ମଧ୍ୟ ତାଙ୍କ ଦେହ ହାତ କାଟେ । ଧନ୍ୟ କହିବ ତୁମ ମା'କୁ !! କେମିତି ତୁମକୁ ପାଳିଥିଲେ କିହେ ? କହିଉଠେ ସୀତାନାନୀ ଅସହ୍ୟ ହେଲେ ବେଦନା । ଏଇ ସେଇ ସୀତାନାନୀ ଯେ, ଏକଦା ରାମଧୁନ ନେତ୍ରୀ ହୋଇ ଢେର କେଇ ବର୍ଷଯାଏ ଗାଁ ଗାଁ ବୁଲି ରାମଯାତ୍ରା, ରାମଧୁନରେ ମାତି ଥିଲା । ବାହା ହେବନି ବୋଲି ପଣ କରିଥିଲା । ବୟସରେ ବାପାମା'ଙ୍କର ଶହ ଶହ ଆକଟକୁ ପଛକରି ମୁହଁମୋଡି ଚାଲିଯାଇଥିବା ସୀତା, କିନ୍ତୁ ଶେଷକୁ ବାହା ହେବାକୁ ରାଜି ହେଲା ।

ବାପା ଉପାସରେ ରହିଲେ ଆଠଦିନ । ନବମ ଦିନ ବେଳକୁ ତଣ୍ଟି ଶୁଖିଗଲାଣି । ବୋଉ କେଇଦିନ ଆଗରୁ ଝିଅ ବାହାଘର ଦେଖିବି ଦେଖିବି କହି ମରିଗଲା । ଆଖିର ଲୁହ ଶୁଖିଲା ନାହିଁ । 'ସୀତା ଲୋ' ମୋ ଅନ୍ତେ ତତେ ଦେଖିବ କିଏ ? ଭାଇ ନା ଭଉଣୀ କେହି ନାହିଁ ତୋର । କଞ୍ଚା ବୟସରେ ଭାଇଟା ମରିଗଲା । ବୁଢ଼ାବାପାକୁ ତ' ଅନେଇ ବାହା ହୋଇଯା' । ହାତକୁ ଦି'ହାତ କରିଦେଲେ ମୋ ଆତ୍ମା ମୁକ୍ତି ପାଇବ । ବାମୁଣ ଘର ଝିଅ ଅବିହାଡି ରହିଲେ କୁଳପାଣି ପାଏନା ସାତ ଜନ୍ମ ଯାଏ । ଓଥଡା ହୋଇ ଜନ୍ମ ହେବୁ ପୁଣି ଆର ଜନ୍ମରେ ... । କେତେ କଥା କେତେ ପାପ ଲାଗିଯିବ ଏ କୁଳକୁ । ତୁ ମୋ କୁଳକୁ ବୁଡନା'ରେ ...। ଓଠ ଧରି ନେହୁରା ହେଉଥିବା ବାପା ମୁହଁକୁ ଅନାଇ ସୀତାନାନୀ ରାଜି ହେଲା ବାହା ହେବାକୁ ।

ତା'ସହ ସର୍ତ୍ତ ରହିଲା ଯାହାକୁ ବାହା ହେବି ସେ ତୁମ ସେବା ଯତ୍ନ କହିବାରେ ବାଧା ଦେବନି । କାରଣ ମୁଁ ତୁମ ପୁଅ ଆଉ ଝିଅ, ତାହା ହିଁ ହେଲା । ଘରପାଖରୁ ଦଶହାତ ଦୂରରେ ଥିବା ବବନା ପଣ୍ଡାର ଭଣଜା ଯାହାକୁ ପାଳିଆଣିଥିଲେ ପିଲାରୁ ତାଙ୍କ ଘରେ ରହେ ତା'ସହ ଦରବୁଢ଼ୀ ବୟସରେ ବାହାଘର ହେଲା ।

ବବନା ପଣ୍ଡାଙ୍କ ଭଣଜା ଓରଫ ଅବନା ପଣ୍ଡା କର୍ମକୋଢ଼ିଗୁଣ ହେତୁ ବିବାହ ହୋଇପାରି ନ ଥିଲା । ବୟସକୁ ଅନାଇ ସୀତାନାନୀ ବାହା ହେଇଗଲା ସତ । ମାତ୍ର ସେଠି ମଧ୍ୟ ପୁରୁଷ ପରି ଜୀବନଟେ କାଟିବାକୁ ବାଧ୍ୟ ହୋଇଗଲା ।

କର୍ମଜଞ୍ଜାଳ ଭିତରେ ଦୁଇଟି ଜାଆଁଳା ପୁତ୍ରକୁ ଜନ୍ମ କରି ସୀତା ମାଇ କି ଅଣ୍ଡିରାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲା । ସୀତା ନାନୀର ପତଳା, ନହକା ଦେହରେ ସ୍ତନ ଦୁଇଟି ଦୃଶ୍ୟମାନ ହୁଏ ନାହିଁ । ସମସ୍ତେ ତାକୁ ହିଞ୍ଜଡ଼ା ଭାବିଥିଲେ । ବିବାହ ନ କରିବାର ବିଭିନ୍ନ କାହାଣୀ ସାରା ଗାଁରେ ରଟୁଥିଲା । ପୁତ୍ର ସନ୍ତାନ ଜନ୍ମ ପରେ ସଭିଙ୍କ ମୁହଁରେ ତାଲା ପଡିଗଲା । ଭଣଭଣ ମାଛି ମେଳରେ ବାପ ଓ ପୁଅ ଖାଉଥିବେ । ସେଇଠି ଖାଉ ଖାଉ ଶୋଇପଡୁଥିବା ସ୍ୱାମୀ ଅବନା ପାଇଁ ରାଗରେ ଗରଗର ହୁଏ । ଗରଗର ହେବା କ୍ରମଶଃ ଗୋଟେ ସ୍ୱଭାବରେ ପରଣିତ ହୋଇ ଯାଇଥିଲା । ଅବନା କ୍ରମେ ଘର ପିଣ୍ଡାଛାଡି ଦାଣ୍ଡ ପଡିଶାରେ ବସିବା ଆରମ୍ଭ କଲା ।

ସୀତାନାନୀର ରାଗ ସହ ଅଭିମାନକୁ ବୁଝିବାକୁ ଅବନା ଚେଷ୍ଟା କରେ କି କରେନା ବୁଝା ପଡେନା । ଅବନାର ବିଶାଳ ପେଟ, ବିରାଟ ମୁଣ୍ଡ ଭିତରେ ପୁଳାଏ କାଦୁଅ ପରି ବୁଦ୍ଧି ସହ ସେ ଖାଲି ବଲ ବଲ କରି ଅନାଏ । ଦିନେ ଭାବିଲା ବୋଧହୁଏ ତା' ଉପରେ ସୀତା ଖୁସି ନାହିଁ । ଘର କରି ଖୁସି ନାହିଁ । ସବୁ ବେଳେ ରାଗରୁଷା... । ଗଛରେ ଚଢ଼ି ଡେଇଁପଡିଲା, ଗୋଡ଼ ଭାଙ୍ଗିଲା ।

ସୀତାନାନୀ କେତେଯେ, ବାହୁନି ବାହୁନି କାନ୍ଦିଲା । ନିଜକୁ ନିଜେ ସମ୍ଭାଳିଲା । ଭଲ ପାଇବାରେ ସାଉଁଳେଇ ଆଣି କାନିରେ ତା'ର ମୁହଁ ପୋଛିଦେଲା । ହୁଣ୍ଡା ସ୍ୱାମୀ ତା'ର, ହଉପଛେ ଅକାଳକୁସମାଣ୍ଡ – ସ୍ୱାମୀତ !! ଘରର ଜଗୁଆଳି, ଘର ନିଆଁ । ବାରଆଖିରୁ ସେ ଗୋଟେ ବିଶାଳ ଛତ୍ରଛାୟା, ଯାହାକୁ ନେଇ ସେ ଜିଇଁବା ପାଇଁ ବାପା ତା'ର ହାତରୁ ଦୁଇହାତ କଲା ।

ସୀତାନାନୀ କାନ୍ଦି କାନ୍ଦି କହିଲା "ଘର କରି କେତେ ସୁଅ, ଝଡ ଆସେ । ରାଗରୁଷା ତୁମଠି କରିବି ନାହିଁ । କରିବି କଉଠି ଗୋ' । ମୁଁ ରାଗୁଛି ମାନେ କ'ଣ ଜୀବନହାରି ଦେବ । ଏତେ ମତେ ଭଲପାଅ । ଛି..ଛି.. ଏମିତି କାମ ଆଉ କରିବ ନାହିଁଟି... ମୋ ରାଣ !!"

ଅନେକ ଦିନ ପରେ ଗୋଟେ ଖିଲି ଖିଲି ହସର ଦରଫୁଟା ମଲ୍ଲୀ କଢ଼ିକାର ବାସ୍ନା ଚହଟି ଯାଉଥିଲା ସୀତାନାନୀର ଅଗଣାରେ । ଜହ୍ନ ରାତି ଥିଲା ।ତାର କୁଡିଆଘରେ ପୁଳାଏ ଗେଣ୍ଡୁଫୁଲ ମଧ୍ୟ ପସରା ମେଲାଇ ଟହ ଟହ ହସୁଥିଲେ ।

*–ସେକ୍ଟର–୨, ରାଉରକେଲା, ମୋ: ୮୩୨୭୭୫୭୭୬୧୯*



# ପ୍ରିୟଙ୍କାଙ୍କ ଖୁସି

ପ୍ରିୟଙ୍କା ଚୋପ୍ରାଙ୍କ ଖୁସି ଏବେ କହିଲେ ନ ସରେ। କାରଣ ତାଙ୍କୁ ଏବେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ବଲିଉଡ୍ ଅଫର ମିଳିଛି। ଯଦିଓ ଏଗୁଡିକୁ ନେଇ କଥାବାର୍ତ୍ତା ଚାଲିଛି ହେଲେ ତାଙ୍କର ମନ ଖାଲି ଆକାଶରେ ଉଡୁଛି। କାରଣ ବେଶ୍ କିଛି ବର୍ଷ ଗ୍ୟାପ୍ ପରେ ସେ ପୁଣି ଥରେ ହିନ୍ଦୀ ସିନେମା ଲାଗି ବ୍ୟସ୍ତ ରହିବେ। ଦିନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ସେ ହଲିଉଡ୍‌ରେ ସୁଯୋଗ ପାଇବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। କେବଳ ସେତିକି ନୁହେଁ, ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ସେ ଘର ସଂସାର କରିସାରିଛନ୍ତି। କିଛି ବର୍ଷର ଗ୍ୟାପ୍ ପରେ ପ୍ରିୟଙ୍କା ପୁଣି ଥରେ ବଲିଉଡ୍‌କୁ ଫେରୁଛନ୍ତି। ବର୍ତ୍ତମାନ ସେ ନୂଆ ସିନେମା 'ଜି ଲେ ଜରା'ରେ ଅଭିନୟ କରିବେ। ଫରହାନ୍ ଅଖତର ନିର୍ଦ୍ଦେଶନା ଦେବାକୁ ଯାଉଥିବା ଏହି ଫିଲ୍ମରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ତିନି ଅଭିନେତ୍ରୀଙ୍କ ଡେଟ୍ ପ୍ରୋବଲେମ ପାଇଁ ଏହାର ଶୁଟିଂ କିଛିଦିନ ପାଇଁ ପୋଷ୍ଟପୋନ୍ ଅଛି। ଏ ନେଇ ପ୍ରିୟଙ୍କା କହନ୍ତି, 'ଏକଥା ସତ ଯେ ଗତ କିଛି ବର୍ଷ ହେବ ମୁଁ ମୋ ବଲିଉଡ ପ୍ରଶଂସକଙ୍କ ନିକଟରୁ ଦୂରେଇ ଯାଇଛି। ଏହାର ଅର୍ଥ ନୁହେଁ ଯେ ମୁଁ ସବୁଦିନ ପାଇଁ ହିନ୍ଦୀ ସିନେମାକୁ ଗୁଡ ବାୟ କରିଦେଇଛି। 'ଜି ଲେ ଜରା'ର କାହାଣୀ ତିନି ଜଣ ଯୁବତୀଙ୍କ ବନ୍ଧୁତାକୁ ନେଇ ଗତିଶୀଳ। ଏହାବ୍ୟତୀତ ଏବେ ନୂଆ ତିନୋଟି ସିନେମାରେ ଅଭିନୟ କରିବାକୁ କଥାବାର୍ତ୍ତା ଚାଲିଛି। ଯେହେତୁ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ତେଣୁ ତାହାକୁ ନେଇ ଅଧିକ କିଛି କହିବା ଠିକ୍ ହେବ ନାହିଁ।' ତେବେ ବଲିଉଡ୍‌ରେ ପ୍ରିୟଙ୍କାଙ୍କ ଦ୍ୱିତୀୟ ଇନିଂସ କେତେ ଶୁଭପ୍ରଦ ହେଉଛି ତାହା ଦେଖିବାକୁ ବାକି ରହିଲା।


ପ୍ରିୟଙ୍କା


ଆକାଂକ୍ଷା

## ପ୍ରେମିକ ନୁହେଁ ଫ୍ରେଣ୍ଡ

ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ ଏବେ ପୁଣି ଥରେ ଚର୍ଚ୍ଚାରେ। ଶୁଣିବାକୁ ମିଳୁଛି ଯେ ଦିଶା ପଟାନି ସହ ତାଙ୍କର କୁଆଡେ ବ୍ରେକ୍ ଅପ୍ ହୋଇଛି। ଆଉ ସେ ଜଣେ ନୂଆ ସୁନ୍ଦରୀଙ୍କ ପ୍ରେମ ଜାଲରେ ଫସି ଯାଇଛନ୍ତି। ତାଙ୍କର ନୂଆ ପ୍ରେମିକା କିଏ ଜାଣନ୍ତି ? ସେ ହେଉଛନ୍ତି ଆକାଂକ୍ଷା ଶର୍ମା। ଗତ କିଛି ବର୍ଷ ଧରି ସେ ଭିଡିଓ ଆଲବମ୍‌ରେ ଅଭିନୟ କରି ଆଲୋଚନାର ପରିସରକୁ ଆସିଛନ୍ତି। ଖାସ୍ କଥା ହେଲା ଟାଇଗର ଅଭିନୟ କରିଥିବା ଦୁଇଟି ଭିଡିଓ ଆଲବମ୍-'କାସାନୋଭା' ଏବଂ 'ଆଇ ଆମ୍ ଦ ଡିସ୍କୋ ଡ୍ୟାନ୍ସର'ରେ ଆକାଂକ୍ଷା ତାଙ୍କ ସହ ନାଚିଛନ୍ତି। ଏହି ଭିଡିଓ ଆଲବମ୍ ଦ୍ୱୟରେ ଦୁହିଁଙ୍କ ଯୋଡିକୁ ଦର୍ଶକ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଆଉ ଦୁହିଁଙ୍କ ଆଫେୟାର୍ସକୁ ନେଇ ଆଲୋଚନା ହେବା ପରେ ଶେଷକୁ ମୁହଁ ଖୋଲିଛନ୍ତି ଆକାଂକ୍ଷା। ଏ ନେଇ ସଫେଇ ଦେଇ ସେ କହନ୍ତି, 'ଟାଇଗରଙ୍କ ସହ ମୋର ପ୍ରେମ ସମ୍ପର୍କ ଅଛି ବୋଲି ମୁଁ ବାହାରୁ ଶୁଣୁଛି। ହେଲେ ସେ ମୋର ଜଣେ ଭଲ ଫ୍ରେଣ୍ଡ। ମୋତେ ଏବେ ଏକ କନ୍ନଡ ଫିଲ୍ମ 'ତ୍ରିବିକ୍ରମ'ରେ ଅଭିନୟ କରିବାର ସୁଯୋଗ ମିଳିଛି। ତେଣୁ ସେ ନେଇ ମୁଁ ବ୍ୟସ୍ତ। ଟାଇଗର ଏବଂ ମୋ ବିଷୟରେ ଅଧିକ ଆଲୋଚନା ନ ହେବା ଭଲ।'

## ସିନ୍ଦୂର

ନାରୀ ଜୀବନରେ ସିନ୍ଦୂରର ମହତ୍ତ୍ୱ କେତେ ତାହା କହିବା ଅନାବଶ୍ୟକ। ପୌରାଣିକ ଯୁଗରେ ଏହାର ଅନେକ ଉଦାହରଣ ରହିଛି। ଏବେ ଏହାକୁ ଆଧାର କରି ନୂଆ ଏକ ଓଡ଼ିଆ ସିନେମାର ଶୁଟିଂ ଚାଲୁ ରହିଛି, ଯାହାର ଟାଇଟଲ ହେଉଛି 'ସିନ୍ଦୂର'। ଅଭିନେତା-କମ୍-ପ୍ରଯୋଜକ ପ୍ରେମାଞ୍ଜନ ପରିଡା ଚିତ୍ରଟିର ପ୍ରଯୋଜନା ଭାର ସମ୍ଭାଳିଛନ୍ତି। ଏହାର କାହାଣୀ ରଚନା କରିଛନ୍ତି ଭାଗ୍ୟବତୀ ନାୟକ। ଏହାକୁ ଆଧାର କରି ସଂଳାପ, ଚିତ୍ରନାଟ୍ୟ ଏବଂ ଏଥିରେ ସଂଯୋଜିତ ଗୀତଗୁଡିକୁ ରଚନା କରିଛନ୍ତି ବାପୁ ଗୋସ୍ୱାମୀ। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱରକାର ବୈଦନାଥ ଦାଶ। ଲାଇନ୍ ପ୍ରଡ୍ୟୁସର ସହ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଉଛନ୍ତି ସୁଦର୍ଶନ ସେନାପତି। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଶୁଭାଶିଷ ଶର୍ମା ଓରଫ ମଣ୍ଟୁ। ତାଙ୍କର ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଏହାବ୍ୟତୀତ ପ୍ରେମାଞ୍ଜନ ପରିଡା, ଅଙ୍କିତ, ଲାଲି, ଲିପି, ସସ୍ମିତା, ଅମର ଏବଂ କାଳିଆ ଶଣ୍ଢଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଶୁଟିଂ ଚାଲିଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଶୈଳେନ୍ଦ୍ର ପରିଡା।


ଶୁଭାଶିଷ

## ଅକ୍ଷୟଙ୍କ ପ୍ରଶଂସାରେ ସାରା

ସାରା ଅଲ୍ଲୀ ଖାଁଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡେ ଗଲେ ତାଙ୍କ ବିଷୟରେ ବଖାଣିବାକୁ ଭୁଲୁନାହାନ୍ତି ଏହି ଅଭିନେତ୍ରୀ। ହେଲେ ସେ ଏମିତି କାହାର ପ୍ରଶଂସା କରୁଛନ୍ତି ଯେ, ତାକୁ ନେଇ ଏତେ ଚର୍ଚ୍ଚା। କଥା କ'ଣ କି ସେ ବର୍ତ୍ତମାନ ଖିଲାଡି ମାଷ୍ଟର ଅକ୍ଷୟ କୁମାରଙ୍କ ପ୍ରଶଂସାରେ ଶତମୁଖ। ଏହାପଛରେ ସେହିଭଳି କାରଣ ମଧ୍ୟ ରହିଛି। କଥା କ'ଣ କି ନିକଟରେ ସାରା ଏକ କମେଡି ଫିଲ୍ମ ସାଇନ୍ କରିଛନ୍ତି। ହେଲେ ଏ ନେଇ ତାଙ୍କୁ କିଛି ଟିପ୍ସର ଆବଶ୍ୟକତା ପଡିଲା। ତେଣୁ କାହାକୁ ଯୋଗାଯୋଗ କଲେ ସମସ୍ୟାର ସମାଧାନ ହେବ ସେ ନେଇ ଚିନ୍ତା କରିବା ପରେ ଜଣଙ୍କର ନାମ ତାଙ୍କ ମନକୁ ଆସିଲା। ସେ ହେଲେ ଅକ୍ଷୟ କୁମାର। ଆଉ ତା'ପରେ ଯେତେବେଳେ ତାଙ୍କୁ ନିଜ ମନ କଥା କହିଲେ ସେତେବେଳେ ଅକ୍ଷୟ ତାଙ୍କୁ କି ଟିପ୍ସ ଦେଲେ କେଜାଣି ଏବେ ସାରା ଖାଲି 'ଅକ୍ଷୟ ଅକ୍ଷୟ' ଜପି ହେଉଛନ୍ତି। ଏ ନେଇ ସାରା କହନ୍ତି, 'ନିକଟରେ ମୁଁ ଏକ ନୂଆ ସିନେମା ସାଇନ୍ କରିଛି, ଯାହାର ଟାଇଟଲ ଫାଇନାଲ ହୋଇନାହିଁ। ଏଥିରେ ଦର୍ଶକ ମୋତେ କମେଡି କରୁଥିବା ଦେଖିବାକୁ ପାଇବେ। ତେଣୁ ଏ ନେଇ ମୁଁ ଅକ୍ଷୟଙ୍କର ସହଯୋଗ ଲୋଡିଥିଲି। ସେ ମୋତେ କମେଡି ବିଷୟରେ ଯାହା ଟିପ୍ସ ଦେଇଛନ୍ତି ତାହା ମୋ ମନରେ ଥିବା ସବୁ ସନ୍ଦେହକୁ ଦୂର କରିଦେଇଛି।' ତେବେ ଏଭଳି ଭୂମିକାରେ ସାରାଙ୍କୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ସାରା


ସୋନୁ

## ମାତ୍ର ୫୦୦ ଟଙ୍କା

ଅଭିନୟ ହେଉ କି ସମାଜସେବା ବର୍ତ୍ତମାନ ସୋନୁ ସୁଦ୍ ଜଣେ ବେଶ୍ ପରିଚିତ ବ୍ୟକ୍ତିତ୍ୱ। ବିଶେଷକରି କରୋନା ମହାମାରୀ ସମୟରେ ସେ ଦେବଦୂତ ସାଜି ଲୋକମାନଙ୍କର ଯେଉଁ ସେବା କରିଥିଲେ ତାହା ତାଙ୍କୁ ଆହୁରି ଲୋକପ୍ରିୟ କରାଇଦେଇଥିଲା। ଶିକ୍ଷା ଶେଷ ହେବା ପରେ ସୋନୁ ମଡେଲିଂ ଦୁନିଆରେ ପାଦ ଦେଇଥିଲେ। ସେ ଇଲେକ୍‌ଟ୍ରୋନିକ୍‌ରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। ନିଜର ପ୍ରଥମ ରୋଜଗାର ସମ୍ପର୍କରେ ନିକଟରେ ବଖାଣିଥିଲେ ସୋନୁ। ଏ ନେଇ ସେ କହନ୍ତି, 'ପ୍ରାରମ୍ଭିକ ପର୍ଯ୍ୟାୟରେ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ମୋର ପ୍ରଥମ ପାରିଶ୍ରମିକ କେତେ ଥିଲା ଜାଣନ୍ତି ? ମାତ୍ର ୫୦୦ ଟଙ୍କା। ସେହି ଟଙ୍କାକୁ ଯେତେବେଳେ ମୁଁ ପାଇଲି ସେତେବେଳେ ମୋ ଖୁସି କହିଲେ ନ ସରେ। ଆଉ ସେହି ଟଙ୍କାରେ ମୁଁ ମୋ ପସନ୍ଦର ଡେନିମ୍ ଜିନ୍ସ ପ୍ୟାଣ୍ଟ କିଣିଥିଲି। ପରେ ମୁମ୍ବାଇ ଆସି ଏକ ପ୍ରାଇଭେଟ ସଂସ୍ଥାରେ ମୁଁ କାମ କଲି। ଗୋଟିଏ ସିଙ୍ଗିଲ୍ ରୁମ୍‌ରେ ମୁଁ ଆଉ ଦୁଇ ଜଣ ପିଲାଙ୍କ ସହ ସେୟାର କରି ରହୁଥିଲି। ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ମୁଁ 'ବେଷ୍ଟ ଫାଇଭ୍' ଭିତରେ ରହିଥିଲି, ଆଉ ତା'ପରେ ମୋ ଭାଗ୍ୟ ଖୋଲିଯାଇଥିଲା।' ସୂଚନାଯୋଗ୍ୟ ୨୦୦୨ରେ ନିର୍ମିତ ହିନ୍ଦୀ ସିନେମା 'ଶହୀଦ-ଏ-ଆଜମ'ରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା।

## କରୀନା ଯାହା ଖୋଜୁଥିଲେ..

କପୁର ଖାନଦାନରେ ଅଭିନୟକୁ କ୍ୟାରିୟର ଭାବେ ଗ୍ରହଣ କରି ସଫଳତା ହାସଲ କରିପାରିଛନ୍ତି କରୀନା। ନିଜର ଲମ୍ବା ବଲିଉଡ୍ କ୍ୟାରିୟରରେ ଦର୍ଶକ ତାଙ୍କୁ ଭିନ୍ନ ଭିନ୍ନ ଭୂମିକାରେ ଦେଖିସାରିଛନ୍ତି। ନିକଟରେ ତାଙ୍କ ଅଭିନୀତ 'ଲାଲ୍ ସିଂ ଚଡ଼ା' ରିଲିଜ ହୋଇଛି। ହେଲେ ନିଜର ଭବିଷ୍ୟତ ରୁଟିନ୍‌ରେ ସେ ଆଉ ଏକ କଥାକୁ ସାମିଲ କରିଛନ୍ତି। ଏଣିକି କୁଆଡେ ସେ ସମାଜସେବାରେ ନିଜକୁ ନିୟୋଜିତ ରଖିବେ। ସେପଟେ ଏକ ନୂଆ ସିନେମାରେ ଅଭିନୟ କରିବାର ଯୋଜନା ବି ରହିଛି, ଯାହାର କାହାଣୀ ସମାଜସେବା ଉପରେ ପର୍ଯ୍ୟବସିତ। ଏ ନେଇ କରୀନା କହନ୍ତି, 'ସମାଜସେବାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଆଜିକାଲି ଅନେକେ ଏହା ସହ ଜଡିତ। ନିକଟରେ ଜଣେ ନୂଆ ପ୍ରଯୋଜକ ମୋ ପାଖକୁ ଆସିଥିଲେ ଏବଂ ନିଜ ସିନେମାର କାହାଣୀ ବିଷୟରେ ସୂଚନା ଦେବା ସମୟରେ ମୁଁ ସମାଜସେବା ବିଷୟରେ ଅନେକ କଥା ଜାଣିପାରିଲି। ଖୁବ୍ ଶୀଘ୍ର ଏ ନେଇ ମୁଁ ଏକ ସଂସ୍ଥା ଗଠନ କରିବାକୁ ଯାଉଛି। ମୋର କେତେ ଜଣ ସାଙ୍ଗ ମଧ୍ୟ ମୋତେ ଏ ନେଇ ସହଯୋଗର ହାତ ବଢ଼ାଇଛନ୍ତି। ଆଶା ରଖିଛି, ମୋର ଏହି ଅଭିଯାନ ସଫଳ ହେବ।' ତେବେ ସମାଜସେବା କ୍ଷେତ୍ରରେ କରୀନା କେତେ ସଫଳତ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।


କରୀନା

**ପ୍ରଥମ ରୋଜଗାର**



# ଘରଲୋକଙ୍କ ପାଇଁ ଉପହାର କିଣିଥିଲି

ଲେଖିକା ତଥା ଆସିଷ୍ଟାଣ୍ଟ କମିଶନର୍ ଅଫ୍ ପୋଲିସ **ମାନସୀ ପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି..

୧୯୯୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥାଏ। ସେତେବେଳେ ମୋ ବଡ଼ଭାଇ ନିଜ ପାଇଁ ବିଭିନ୍ନ ପ୍ରକାର ଫର୍ମ ପକାଇବା ସଙ୍ଗେ ସଙ୍ଗେ ମୋ ପାଇଁ ମଧ୍ୟ ପକାଉଥିଲେ। ବିଭିନ୍ନ କମ୍ପିଟେଟିଭ ପରୀକ୍ଷା ସହିତ ପୋଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷା ପାଇଁ ମଧ୍ୟ ଫର୍ମ ପକାଇ ଦେଇଥିଲେ। ପରିବାର ଭିତରେ ମୋ ବାପାଙ୍କର, ମୋ ବଡଭାଇଙ୍କର ଓ ମୋର ବି ପୋଲିସ ୟୁନିଫର୍ମ ପ୍ରତି ବହୁତ ଦୁର୍ବଳତା ଥିଲା। ସେଥିପାଇଁ ଭାଇ ଓ ମୁଁ ଏନ୍.ସି.ସି. ନେଇଥିଲୁ। ଏ ମନ ପାଞ୍ଚୁଥାଏ ଯାହା କାଳେ ପ୍ରାପତ ହୁଏ ତାହା ନୀତିରେ ମୁଁ ସେହି ୧୯୯୭ ମସିହାରେ ସମସ୍ତ ପ୍ରକାରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପୋଲିସ ସବ୍‌ଇନ୍ସପେକ୍ଟର ପଦବୀ ପାଇଁ ମନୋନୀତ ହୋଇଗଲି। ମାତ୍ର ମନ ଟିକେ ଦୁଃଖ ଥାଏ କାରଣ ସେତେବେଳେ ମୋର ପି.ଜି. କମ୍ପ୍ଲିଟ ହୋଇ ନ ଥାଏ। କ'ଣ କରିବି ଭାବୁଥାଏ। ତେବେ ମଣିଷ ଯେବେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିଦିଏ ତା'ର ସମସ୍ୟାର ସମାଧାନ ଆପେ ଆପେ ହୋଇଯାଏ। ମୋ କ୍ଷେତ୍ରରେ ବି ଠିକ୍ ସେୟା ହିଁ ହୋଇଥିଲା। ସେ ସମୟରେ ପୋଲିସ ଟ୍ରେନିଂ କଲେଜ ଅନୁଗୋଳରେ ଅନ୍ୟ ବ୍ୟାଚ ପିଲାଙ୍କର ଟ୍ରେନିଂ ଚାଲିଥିବାରୁ ନୂଆ ବ୍ୟାଚକୁ ଟ୍ରେନିଂ ଦେବା ସମ୍ଭବ ନଥିଲା। ସେଥିପାଇଁ ଆମେମାନେ ସିଲେକ୍ଟ ହୋଇ ସେହିଭଳି ରହିଗଲୁ। ପାଖାପାଖି ଗୋଟିଏ ବର୍ଷ ପରେ ଟ୍ରେନିଂରେ ଯୋଗଦେବା ପାଇଁ ଡାକରା ଆସିଲା। ସେତେବେଳକୁ ମୋର ପି.ଜି. କମ୍ପ୍ଲିଟ ହୋଇ ରେଜଲ୍ଟ ବାହାରି ସାରିଥାଏ। ଆଉ ଗୋଟିଏ ଦୁଇଟି କମ୍ପିଟେଟିଭ ପରୀକ୍ଷାରେ ମଧ୍ୟ ମୁଁ ଉତ୍ତୀର୍ଣ୍ଣ ହୋଇସାରିଥାଏ। ମାତ୍ର ପୋଲିସ ୟୁନିଫର୍ମର ଦୁର୍ବଳତା ନିକଟରେ ଆଉ ସବୁ ଚାକିରି ମୋତେ ତୁଚ୍ଛ ଲାଗିଥିଲା। ଶେଷରେ ୦୧।୦୯।୧୯୯୮ରେ ଟ୍ରେନିଂରେ ଯୋଗ ଦେଇଥିଲି। ସେହି ବର୍ଷ ଅକ୍ଟୋବର ମାସରେ ମୁଁ ମୋର ପ୍ରଥମ ଦରମା ପାଇଥିଲି। ସେତେବେଳେ ଦରମା ଟଙ୍କା ହାତକୁ ଦିଆଯାଉଥିଲା। ବର୍ତ୍ତମାନ ଭଳି ସାଲାରି ଆକାଉଣ୍ଟ, ଅନ୍‌ଲାଇନ, ଏ.ଟି.ଏମ୍. କିମ୍ବା ପେ.ଟି.ଏମ୍.ର ବ୍ୟବସ୍ଥା ନଥିଲା। ଖୁବ୍ କମ୍ ବୟସରୁ ମୁଁ ଚାକିରି ପାଇଯାଇଥିଲି। ପାଠପଢ଼ା ସାରି ବେକାର ହୋଇ ବସିବାର ଦୁଃଖ ଈଶ୍ୱରଙ୍କ କୃପାରୁ ମୁଁ ପାଇ ନ ଥିଲି। ଆବଶ୍ୟକତାଠାରୁ ଅଧିକ ଆଶା କରୁ ନ ଥିବା ମୋ ଭଳି ଜଣେ ମଣିଷ ପାଇଁ ଏହା ଅମାପ ଥିଲା। ନୋଟ୍‌ଗୁଡ଼ିକୁ ଗଣିବାବେଳେ ହାତରୁ ବାରମ୍ବାର ଖସିଯାଉଥିଲା। ଘରୁ ନେଇଥିବା ବାକ୍ସରେ ନୋଟ୍, ରେଜା ପଇସାକୁ ରଖି ଗଦି ତଳେ ସେମିତି ଥୋଇ ଦେଉଥିଲି। ସରଳ, ସୁନ୍ଦର, ନିଷ୍କପଟ ମନରେ କିଏ କେତେ ଦେଲେ ନ ଦେଲେ ବା ଠକି ଦେଲେ ଚିନ୍ତା ନ ଥିଲା। ବାପା, ଭାଇ ସମସ୍ତେ ଚାକିରି କରିଥିବାରୁ ମୋ ଉପରେ କିଛି ଦାୟିତ୍ୱ ବି ନଥିଲା। ତେଣୁ ପ୍ରଥମ ଦରମା ପାଇବା ଖୁସିରେ ସମସ୍ତଙ୍କ ପାଇଁ ଉପହାର କିଣିଥିଲି। ଈଶ୍ୱରଙ୍କ ନିକଟରେ ପ୍ରସାଦ ମଧ୍ୟ ଚଢ଼େଇଥିଲି। ସାଙ୍ଗସାଥୀମାନଙ୍କ ସହିତ ଭୋଜି ଭାତ କରିଥିଲି, ନିଜର ଛୋଟ ଛୋଟ ଆବଶ୍ୟକତା ପୂରଣ କରିଥିଲି। ପୂର୍ବ ଅଭ୍ୟାସବଶତଃ ବୁକ୍ ଫେୟାରକୁ ଯାଇ ମନ ପସନ୍ଦର ଗୁଡ଼ିଏ ପୁସ୍ତକ କିଣିଥିଲି। ଓଡ଼ିଆ ଭାଷା ସାହିତ୍ୟରେ ଲେଖନୀ ଚାଳନା କରୁଥିବାରୁ ଏବଂ ଓଡ଼ିଆ ସାହିତ୍ୟ ପ୍ରତି ଭଲ ପାଇବା ଥିବାରୁ ରେଡିଓରେ ପ୍ରସାରିତ ସାହିତ୍ୟ, ସଙ୍ଗୀତ, ନାଟକ, ଗଳ୍ପ, ଯୁବବାଣୀ ଆଦି ପ୍ରୋଗ୍ରାମ ଶୁଣିବା ପାଇଁ ଗୋଟିଏ ଟୁ ଇନ୍ ୱାନ୍ ୱାକ୍‌ମ୍ୟାନ୍ ମଧ୍ୟ କିଣିଥିଲି। ଆଜି ଦୀର୍ଘ ଚବିଶ ବର୍ଷ ପରେ ମଧ୍ୟ ସେହି ସରଳ, ସୁନ୍ଦର, ନିଷ୍କପଟ ମନକୁ ନେଇ ବଞ୍ଚିଛି। ପ୍ରାପ୍ୟଠାରୁ ଅଧିକ ପ୍ରାପ୍ତି କିମ୍ବା ଆବଶ୍ୟକତାଠାରୁ ଅଧିକ ଠୁଳ କରିବାର ଆଶା ନାହିଁ।

# ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ

**ପ୍ରଶ୍ନ–**ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ। କ'ଣ କରିବି ?

*–ସୁଜିତ ସାହୁ, ବଲାଙ୍ଗୀର*

**ଉତ୍ତର:** ଧାଡି ନ ମାନି ଆପଣ ପ୍ରେମରେ ବହୁ ଦୂରକୁ ଉଡି ଯାଇଛନ୍ତି। ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲ୍‌କା ଭାବରେ ନିଅନ୍ତୁ ନାହିଁ। ଯାହାକୁ ମନଦେଇ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। 'ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ।' ତେଣୁ ସେହି ଭାବନା ରାଇଜକୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ–**ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ଅସୀତ କୁମାର, ପୁରୀ*

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ–**ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ସୁକାନ୍ତ ମହନ୍ତ, ଢେଙ୍କାନାଳ*

**ଉତ୍ତର:** ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଧୁକୁ ଧୁକୁ ହୋଇ ଜଳୁଥିବ ଆଉ ତା' ପ୍ରଭାବରେ ନା ଆପଣ ଆଗକୁ ଯାଇପାରିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ–**ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ସୁମନ ରାଉତ, ଭୁବନେଶ୍ୱର*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରିବେ ଭଲ।



# ମୁଖା ଦେଇଛି ପରିଚୟ



ତାଙ୍କ ପୂର୍ବପୁରୁଷ ତିଆରି କରିଛନ୍ତି ବିଭିନ୍ନ କାରୁକାର୍ଯ୍ୟମୟ ନାନା ପ୍ରକାରର କଳାକୃତି ଓ ଅନେକ ସ୍ମୃତି ସ୍ମାରକୀ । ପିଲାଟିଦିନରୁ ସେ ତାଙ୍କ ଜେଜେ ଓ ବାପାଙ୍କଠାରୁ ପଥର ଓ କାଠ ଖୋଦେଇ କାମ ଶିଖିଥିଲେ । ଏମିତି କି କାଗଜରେ ବିଭିନ୍ନ ଜୀବଜନ୍ତୁଙ୍କ ଚିତ୍ର ଅଙ୍କନ କରିବା ଜାରି ରଖିଥିଲେ। ତା'ପରେ ରଘୁରାଜପୁର ଯାଇ ସେଠାରୁ ପଟ୍ଟଚିତ୍ର ତିଆରି ତାଲିମ ପାଇଲେ। ଦୀର୍ଘ ୬ଦଶନ୍ଧି ଧରି ହସ୍ତକଳା କାରିଗରିକୁ ନେଇ ତାଙ୍କର ଶିଳ୍ପୀ ଜୀବନ । ସମୟକ୍ରମେ ତାଙ୍କ କଳାକୃତି ପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ଶିଳ୍ପୀ ପୁରୁଷୋତ୍ତମ ମହାପାତ୍ର। ପିତା ଶଙ୍କର ମହାପାତ୍ର, ମା' ତାରାମଣି ମହାପାତ୍ର । ଘର କଟକ ଜିଲାର ବାଙ୍କୀ ଡମପଡ଼ା ଗଡ଼ର ଚମ୍ପତିପୁର ଗାଁରେ। ସେ କୁହନ୍ତି– ଆମ ପରିବାରର ସମସ୍ତେ କଳାକାରିଗରିକୁ ନେଇ ଜୀବିକା ନିର୍ବାହ କରିଥାନ୍ତି। ପିଲାବେଳେ ଆମେ ପରିବାରର ବଡ଼ମାନଙ୍କଠାରୁ କାରିଗରି କାମ ଶିଖୁଥିଲୁ। ପିଲାଦିନେ ଅଳ୍ପଦିନ ଗାଁ ଚାଟଶାଳୀକୁ ଯାଇଥିଲି। ତା'ପରେ ନିକଟସ୍ଥ ଗାଁରେ ଥିବା ଏକ ସେବାଶ୍ରମ ସ୍କୁଲରେ ୫ମଶ୍ରେଣୀ ଯାଏ ପଢ଼ିଲି। ଆମ ପରିବାରରେ ଆମେ ୨ଭାଇ ଓ ମୋର ୨ଭଉଣୀ। ଘରେ ବାପା କାଗଜରେ ବିଭିନ୍ନ କଳାକୃତି ତିଆରି କରିଥାନ୍ତି। ପ୍ରତିଦିନ ଘରେ କାଠଖୋଦେଇ, ପଥର ଖୋଦେଇ ଓ କାଗଜର ହସ୍ତକଳା କାରିଗରି କାମ ଚାଲେ। ତେବେ ଏସବୁ ଭିତରେ କାଗଜରେ ବିଭିନ୍ନ ଜୀବଜନ୍ତୁଙ୍କମୁଖା ତିଆରି ପାଇଁ ମୁଁ ପସନ୍ଦ କରିଥିଲି। କିନ୍ତୁ ପ୍ରଥମେ ରଘୁରାଜପୁରକୁ ଯାଇ ସେଠାରୁ ପଟ୍ଟଚିତ୍ର କାମ ଶିଖିଲି। ୧୯୬୬ମସିହାର କଥା ରଘୁରାଜପୁରର ଶିଳ୍ପୀଗୁରୁ ଜଗନ୍ନାଥ ମହାପାତ୍ରଙ୍କଠାରୁ ପଟ୍ଟଚିତ୍ର ଶିକ୍ଷାଲାଭ କରିଥିଲି। ମାତ୍ର ଘରକୁ ଫେରିଲାପରେ ଅଧିକ ସମୟ କାଗଜମୁଖା ତିଆରିରେ ସମୟ ଦେଲି। ଖରାଦିନ ଓ ଶୀତଦିନେ ଏହି କାଗଜହସ୍ତକଳା କାଗଜମୁଖା କାମ ଅଧିକ ପରିମାଣରେ ହୋଇଥାଏ। ସମୟକ୍ରମେ ଭୁବନେଶ୍ୱର ଶାସନପଡ଼ିଆଠାରେ ନିଜର କଳା କାରିଗରି କାମ କରିଆସୁଛି। ହସ୍ତଶିଳ୍ପ କଳାକୃତି ପାଇଁ ଦିଲ୍ଲୀ, ଚେନ୍ନାଇ, ଉଟି, ବମ୍ବେ, ଉତ୍ତରପ୍ରଦେଶ,ବିହାର, ଆନ୍ଧ୍ର ପ୍ରଦେଶ, କର୍ନାଟକ ଆଦି ଅନେକ ରାଜ୍ୟକୁ ଯିବା ସହ ସାଉଦୀ ଆରବକୁ ବି ଯାଇଥିଲି। ଏଥିପାଇଁ ମତେ ଶତାଧିକ ପୁରସ୍କାର ଓ ସମ୍ମାନ ମିଳିଛି। ଯାହାମଧ୍ୟରେ ୧୯୮୮ରେ ରାଜ୍ୟସ୍ତରୀୟ ପୁରସ୍କାର, ନ୍ୟାଶନାଲ ମିଟ୍ ଆୱାର୍ଡ–୨୦୧୧, ବାଙ୍କୀ ବିଭୂଷଣ ଆୱାର୍ଡ ୨୦୧୯ ଅନ୍ୟତମ। ଅଦରକାରୀ କାଗଜ ଓ କାଠରୁ ସୁନ୍ଦର ସୁନ୍ଦର କଳାକୃତୀ ତିଆରି କରିବାର ଶ୍ରେୟ ନେଉଥିବା ଏହି ଶିଳ୍ପୀ ମୁଖ୍ୟତଃ ପୁରାଣ ବିଷୟ ଉପରେ ଆଧାରିତ– ଲିଳା, ସୁଆଙ୍ଗ ଓ ଗୀତିନାଟ୍ୟ ଆଦି ଚରିତ୍ରକୁ ନେଇ ମୁଖା ପ୍ରସ୍ତୁତ କରିଥାନ୍ତି। କାଠମୁଖାଗୁଡ଼ିକ ଅଧିକ ଓଜନ ହେଉଥିବାରୁ ଏବେ କାଠ ପରିବର୍ତ୍ତେ କାଗଜକୁ ବ୍ୟବହାର କରି ସେହିପରି କାଗଜମୁଖା ତିଆରି କରାଯାଉଛି। ଏହି ମୁଖା ପ୍ରସ୍ତୁତି ସମ୍ପର୍କରେ ସେ କୁହନ୍ତି–ପ୍ରଥମେ ମାଟିର ମଡ଼େଲ ତିଆରି କରାଯାଏ। ତା' ପରେ କାଗଜ ଓ ତେନ୍ତୁଳିମଞ୍ଜିର ଅଠାକୁ ସେହି ମଡ଼େଲ ଉପରେ ପରସ୍ତପରସ୍ତ ଲଗାଯାଇ ଛାଞ୍ଚ ବାହାର କରାଯାଏ। ଛାଞ୍ଚଟି ଖରାରେ ଶୁଖିଲା ପରେ ପୁଣି ତା' ଉପରେ ତେନ୍ତୁଳିମଞ୍ଜି ଓ କରତଗୁଣ୍ଡରେ ପ୍ରସ୍ତୁତ ଏକପ୍ରକାର ପ୍ରଲେପ ଲଗାଯାଏ। ଏହାପରେ କରଣି ସାହାଯ୍ୟରେ ତାକୁ ଫିନିଶିଂ କରାଯାଇ ଖରାରେ ଶୁଖାଯାଏ। ପରେ ସେହି କଳାକୃତି ଉପରେ ବାଲିକାଗଜ ଦ୍ୱାରା ପଲିସ କରାଯାଇଥାଏ। ତା'ପରେ ପୁଣି ଏକ କାଗଜ ପରସ୍ତ ଦିଆଯାଇ ଖରାରେ ଶୁଖାଯାଇ ଖଡ଼ି ବୋଳାଯାଇଥାଏ। ଶେଷରେ ଏହା ଚିତ୍ର ଉପଯୋଗୀ ହୋଇଥାଏ। ଆଜିକାଲି କେହି କେହି ଏହାକୁ ଘର ସଜେଇବା ପାଇଁ ବ୍ୟବହାର କରୁଛନ୍ତି। କାଗଜମୁଖାର ବିଭିନ୍ନ ଆକୃତି ଓ ସାଇଜକୁ ନେଇ ଭିନ୍ନଭିନ୍ନ ମୂଲ୍ୟରେ ବିକ୍ରି କରାଯାଇଥାଏ। ସାଧାରଣତଃ ଗୋଟିଏ କାଗଜମୁଖାର ଦାମ୍ ପ୍ରାୟ ୧୦୦ଟଙ୍କାରୁ ଆରମ୍ଭକରି ୫ହଜାର ଟଙ୍କା ଯାଏ ବିକ୍ରି ହୁଏ। ଜଣେ କାରିଗର ନିଜର ଆଗ୍ରହ ସହକାରେ ଏହି କାଗଜମୁଖା ତିଆରି କରିପାରିଲେ ମାସକୁ ପ୍ରାୟ ୨୦ହଜାରରୁ ୩୫ହଜାର ଟଙ୍କା ରୋଜଗାର କରିପାରନ୍ତି। ଆମ ପରିବାରରେ ମୋର ଦୁଇପୁଅ ଓ ସାନଭାଇ ଏହି କାଗଜମୁଖା କାରିଗରୀକୁ ନେଇ ପରିବାର ପ୍ରତିପୋଷଣ କରିଥାନ୍ତି।

ତେବେ ସୌଖିନଭାବରେ ହେଉକି କୌଳିକବୃତ୍ତି ନ୍ୟାୟରେ ହେଉ ଅନେକେ ଏହି କଳାକୁ ପିଲାବେଳୁ ହିଁ ଶିଖିଥାନ୍ତି। ତେବେ ସୁଖର କଥା ଏହି କଳାକୃତି ଏବେ ଅନେକଙ୍କ ରୋଜଗାରର ମାଧ୍ୟମ ପାଲଟିବା ସହିତ ସେମାନଙ୍କୁ ଦେଉଛି ଭିନ୍ନ ପରିଚୟ।

–ବନବିହାରୀ
















**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।




ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଜ୍ୟାକେଟ୍

ପୁଅ ବୁଲିବାକୁ ବାହାରିଥାଏ। ଏହା ଦେଖି ବାପା ରାଗିକି: ଆଜିକାଲି ବହୁତ ବୁଲାବୁଲି କରୁଛୁ, ନାଇଁ। ନୂଆ ଜ୍ୟାକେଟ୍ ବି ପିନ୍ଧା ହେଇଛି।

ପୁଅ: ନାଇଁ ବାପା ମୁଁ କିଛି ଖରାପ କାମ କରୁନି।

ବାପା: ରହ, ମୁଁ ଆଗ ତୋ ଜ୍ୟାକେଟ୍ ଚେକ୍ କରେ ତା'ପରେ ସବୁ ଜଣାପଡ଼ିଯିବ।

'ଚେକ୍ କରିବା ପରେ ବାପା ପାଇଲେ ଏକ ସିଗାରେଟ୍ ପ୍ୟାକେଟ୍, ମୁଭି ଟିକେଟ୍, କାଗଜରେ ଲେଖା ଜଣେ ଝିଅର ନମ୍ବର।'

ଏହାପରେ ବାପା: ଏସବୁ କ'ଣ ?

ପୁଅ: ଏସବୁ ମୋର ନୁହଁ।

ବାପା: ଆଉ କାହାର ?

ପୁଅ: ଭଲକି ଦେଖ ଜ୍ୟାକେଟ୍‌ଟି ତମର।

## କାଟି ଦେବ

ବସ୍‌ରେ ଜଣେ ବ୍ୟକ୍ତିଙ୍କ ଫୋନ୍ ରିଂ ହେଲା। ସେ ଫୋନ୍ ରିସିଭ କରି କହିଲେ: ତୁ ହାତ କାଟିକି ରଖିଥା। ମୁଁ ଗଲେ ତା'ର ବେକ କାଟିବି।

ଏହା ଶୁଣି ପୁରା ବସ୍ ଖାଲି ହେଇଗଲା। କେହି ଜଣେ ପୋଲିସ୍‌କୁ ଡାକିଲେ।

ପୋଲିସ: ତମେ ଜଣେ ଆତଙ୍କବାଦୀ ?

ବ୍ୟକ୍ତି: ନାଇଁ, ଆଜ୍ଞା।

ପାଲିସ୍: ତା'ହେଲ ତମେ କାହାର ବେକ କାଟିବ କହୁଥିଲ ?

ବ୍ୟକ୍ତି: ଆଜ୍ଞା ମୁଁ ଜଣେ ଟେଲର୍। ବ୍ଲାଉଜ୍‌ର ବେକ କାଟିବା କଥା କହୁଥିଲି।

## କାମ

ମଦ ପିଇ ସ୍ୱାମୀ ଘରକୁ ଫେରିବା ଦେଖି ସ୍ତ୍ରୀ ଝାଡୁ ଧରି କବାଟ ଖୋଲିଲେ।


ସ୍ତ୍ରୀ ହାତରେ ଝାଡୁ ଦେଖି ମଦୁଆ ସ୍ୱାମୀ: କେତେ ଆଉ କାମ କରିବ। ରାତି ଦୁଇଟା ବାଜିଲାଣି। ସେ ଝାଡୁ ମତେ ଦେଇଦିଅ। ଚାଲ ଶୋଇବ। କିଛି ତ ନିଜର ଯତ୍ନ ନିଅ।

ଏକଥା ଶୁଣି ସ୍ତ୍ରୀଙ୍କ ଆଖିରେ ଲୁହ ଜକେଇ ଆସିଲା।

## ବର୍ଷାରେ ଆନନ୍ଦ ଦିଏ

# ଜ୍ୟୋଲିକୋଟ

**ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଅବସ୍ଥିତ ଜ୍ୟୋଲିକୋଟ ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ପ୍ରାକୃତିକ ବୈଭବରେ ଭରା ଏହି ସ୍ଥାନଟିକୁ ବର୍ଷର ଯେ କୌଣସି ସମୟରେ ବୁଲି ଯିବାର ସୁବିଧା ଥିଲେ ହେଁ, ବର୍ଷାଦିନେ କୁଆଡ଼େ ଏଠାକୁ ପର୍ଯ୍ୟଟକ ବୁଲି ଆସିବାକୁ ଅଧିକ ପସନ୍ଦ କରିଥାନ୍ତି। କାରଣ ବର୍ଷାଦିନେ ଏଠାକାର ସୌନ୍ଦର୍ଯ୍ୟ ଦେଖିବାକୁ ଆହୁରି ସୁନ୍ଦର ଲାଗିଥାଏ। ସେଥିପାଇଁ ଜ୍ୟୋଲିକୋଟକୁ ଅନେକେ ବେଷ୍ଟ ମନସୁନ୍ ଡେଷ୍ଟିନେଶନ ବୋଲି ବି କହିଥାନ୍ତି...**





ଜ୍ୟୋଲିକୋଟ ହେଉଛି ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ। ବର୍ଷସାରା ଏଠାକାର ପ୍ରାକୃତିକ ପରିବେଶ ବେଶ୍ ଆକର୍ଷକ ଲାଗୁଥିଲେ ହେଁ ବର୍ଷାଦିନେ ଏହା ଆହୁରି ସୁନ୍ଦର ଦେଖାଯାଇଥାଏ। ଚାରିଆଡ଼େ ଖାଲି ସବୁଜମୟ ଲାଗେ। ଖାସ୍‌କରି ଏଠାରେ ଦେଖିବାକୁ ମିଳୁଥିବା ପାହାଡର ସୌନ୍ଦର୍ଯ୍ୟ ବେଶ୍ ମନୋରମ ହୋଇଥାଏ। କୁହାଯାଏ, ଏଠାକୁ କୁଆଡ଼େ ବହୁ ବର୍ଷ ତଳେ ଶ୍ରୀ ଅରବିନ୍ଦ ଓ ସ୍ୱାମୀ ବିବେକାନନ୍ଦ ବୁଲିଆସିଥିଲେ। ତେଣୁ ଏହି ସ୍ଥାନର ଆଧ୍ୟାତ୍ମିକ ମାହାତ୍ମ୍ୟ ମଧ୍ୟ ବେଶ୍ ଉଚ୍ଚକୋଟୀର। ସେହିପରି ଏହି ସ୍ଥାନ ନିକଟରେ ରହିଥିବା ଗାଁମାନଙ୍କରେ ଯେଉଁ ସବୁ ପର୍ବ ଓ ଉତ୍ସବ ପାଳନ କରାଯାଇଥାଏ ତାହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥାଏ।



### ବିଶେଷ ଆକର୍ଷଣ

ଜ୍ୟୋଲିକୋଟର ଶାନ୍ତ ବାତାବରଣ କାହାକୁ ବି ଆକର୍ଷିତ କରିପାରେ। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନଟି ପ୍ରକୃତିପ୍ରେମୀଙ୍କୁ ଖୁବ୍ ଭଲ ଲାଗିଥାଏ। ତା'ଛଡ଼ା ଏଠାରେ ଯେହେତୁ ଅନେକ ପାହାଡ଼ ଦେଖାଯାଇଥାଏ, ପର୍ଯ୍ୟଟକ ଚାହିଁଲେ ଏଠାରେ ଟ୍ରେକିଂ ସହିତ ଦୁର୍ଗମ ଅଞ୍ଚଳକୁ ଯାଇ ବୁଲିବାର ମଜା ମଧ୍ୟ ନେଇପାରିବେ। କେବଳ ସେତିକି ନୁହେଁ, ଏଠାରେ ଏକ ବି-ବ୍ରିଡିଂ ସେଣ୍ଟର ମଧ୍ୟ ରହିଛି, ଯେଉଁଠାକୁ ପର୍ଯ୍ୟଟକ ବୁଲି ଯାଇ ମହୁ କେମିତି ଉତ୍ପାଦନ କରାଯାଏ, ସେ ସମ୍ପର୍କରେ ଅନେକ ତଥ୍ୟ ଜାଣିପାରିବେ। ତା'ଛଡ଼ା ଜ୍ୟୋଲିକୋଟର ମାର୍କେଟ୍‌ରେ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାରର ତାଜା ଫଳ ବିକ୍ରି ହେଉଥିବାର ଦେଖାଯାଇଥାଏ। ଖାସ୍ କରି ଷ୍ଟ୍ରବେରୀ ଓ କିଓ୍ୱି ଏଠାରେ ଭଲ ମିଳିଥାଏ। ଏପରିକି ଛୋଟ ଛୋଟ କୁଣ୍ଡରେ କିପରି ଗଛ ଲଗାଇ ସେଥିରୁ ଫଳ ପାଇହେବ, ସେ ସୁବିଧା ବି ପର୍ଯ୍ୟଟକ ଏଠାକାର ମାର୍କେଟ୍‌ରୁ ଆରାମରେ ପାଇପାରିବେ।



### ଆଉ କ'ଣ ଦେଖିବେ

ଆକର୍ଷକ ପ୍ରାକୃତିକ ବୈଭବ ଛଡ଼ା ଜ୍ୟୋଲିକୋଟର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ପ୍ରାଚୀନ ମନ୍ଦିର ଦେଖିବାକୁ ମିଳିଥାଏ। ଗୋଟିଏ ଦିନରେ ବୁଲି ଦେଖିଲା ଭଳିଆ ଜ୍ୟୋଲିକୋଟ ହେଉଛି ଏକ ସୁନ୍ଦର ସ୍ଥାନ। ତେଣୁ ଯେଉଁ ପର୍ଯ୍ୟଟକ ୨/୩ ଦିନର ପ୍ଲାନିଂ କରି ଜ୍ୟୋଲିକୋଟ ବୁଲି ଆସୁଛନ୍ତି, ସେମାନେ ଚାହିଁଲେ ଏଠାକାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ନୈନି ହ୍ରଦ, ମୁକ୍ତେଶ୍ୱର, ଜିମ୍ କର୍ବେଟ୍ ଜାତୀୟ ଉଦ୍ୟାନ ଆଦି ମଧ୍ୟ ଯାଇ ବୁଲି ଆସିପାରିବେ।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଜୁନ୍ ହେଉଛି ଏଠାକୁ ବୁଲି ଯିବାପାଇଁ ସବୁଠୁ ଭଲ ସମୟ। କିନ୍ତୁ ପର୍ଯ୍ୟଟକ ଚାହିଁଲେ ବର୍ଷାଦିନେ ବି ଏଠାକୁ ଯାଇପାରିବେ। କାରଣ ବର୍ଷାଦିନେ ଏଠାକାର ଚର୍ତୁଃପାର୍ଶ୍ୱ ଖାଲି ସବୁଜ ସବୁଜ ଦେଖାଯାଇ ବେଶ୍ ଆକର୍ଷକ ଲାଗିଥାଏ। ସେହିପରି ଜ୍ୟୋଲିକୋଟକୁ ସଡ଼କପଥ ହେଉ ଅବା ରେଳପଥ କିମ୍ବା ଆକାଶପଥ, ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇହେବ। ପନ୍ତନଗର ହେଉଛି ଏହାର ନିକଟତମ ବିମାନବନ୍ଦର, ଯାହା ଜ୍ୟୋଲିକୋଟଠାରୁ ପ୍ରାୟ ୫୬ କି.ମି ଦୂରରେ ଅବସ୍ଥିତ। ଦିଲ୍ଲୀ ବିମାନବନ୍ଦରରୁ ନିୟମିତ ବ୍ୟବଧାନରେ ଉକ୍ତ ବିମାନବନ୍ଦରକୁ ବିମାନ ଚଳାଚଳ କରିଥାଏ। ଅନ୍ୟପକ୍ଷେ କାଠଗୋଦାମ ହେଉଛି ଜ୍ୟୋଲିକୋଟର ନିକଟବର୍ତ୍ତୀ ରେଳଷ୍ଟେଶନ, ଯାହା ପ୍ରାୟ ୧୮ କି.ମି ଦୂରରେ ଅବସ୍ଥିତ। ଏହାଛଡ଼ା ଦେଶର ବିଭିନ୍ନ ସ୍ଥାନକୁ ଟୁରିଷ୍ଟ ବସ୍ ବି ଜ୍ୟୋଲିକୋଟ ଅଭିମୁଖେ ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଜ୍ୟୋଲିକୋଟରେ ପହଁଞ୍ଚିପାରିବେ।







# ବିଷାକ୍ତ ଚଢେଇ

ପପୁଆ ନୁଉଗିନିରେ ଦେଖିବାକୁ ମିଳନ୍ତି କଳା ଓ ବାଦାମୀ ରଙ୍ଗର ଏକ ସୁନ୍ଦର ଛୋଟିଆ ଚଢେଇ, ଯାହାର ନାଁ ହୁଡେଡ ପିତୋହୋଇ। ଦେଖିବାକୁ ସୁନ୍ଦର ହେଲେ ବି ଏହା ପୃଥିବୀର ପ୍ରଥମ ଏବଂ ଏକମାତ୍ର ବିଷାକ୍ତ ଚଢେଇଭାବେ ପରିଚିତ। ପପୁଆ ନିଉଗିନିର ଲୋକେ ବହୁ ପୂର୍ବରୁ ଜାଣନ୍ତି ଏହା ଏକ ବିଷାକ୍ତ ଚଢେଇ ବୋଲି। କିନ୍ତୁ ପାଶ୍ଚାତ୍ୟ ଦେଶର ଲୋକେ ଏହା ବହୁ ପରେ ଜାଣିଲେ। ୧୯୯୦ରେ ଅର୍ନିଥୋଲୋଜିଷ୍ଟ ଜ୍ୟାକ୍ ଡମ୍ବାଚର୍ ଏହି ଚଢେଇ ଦେଖିବାକୁ ଆସିଥାନ୍ତି। ଆଉ ସେହି ଚଢେଇ ଧରିବା ପାଇଁ ଜାଲ ବିଛାଇଥାନ୍ତି। ଜାଲରେ ପଡିବାପରେ ସେ ଯେତେବେଳେ ଚଢେଇକୁ ଧରିବା ପାଇଁ ଗଲେ ଚଢେଇଟି ତାଙ୍କୁ ଅଣ୍ଟରେ ଖୁମ୍ପି ଦେଇଥିଲା। ଆଉ ସେ ସଙ୍ଗେ ସଙ୍ଗେ ନିଜ ଆଙ୍ଗୁଳିକୁ ପାଟି ଭିତରକୁ ନେଇଯାଇ ଥିଲେ। ଫଳରେ ତାଙ୍କ ଓଠ ଓ ଜିଭ ବଧିର ହୋଇଯିବା ସହ ଖୁବ୍ ଜଳାପୋଡା ଅନୁଭବ କଲେ। କିଛି ଘଣ୍ଟାପରେ ଜ୍ୱାଳା କମିବାପରେ ସେ ଚିନ୍ତା କଲେ ଏଭଳି କାହିଁକି ହେଲା। ଆଉ ସେ ଉକ୍ତ ଚଢେଇର ଏକ ପର ଆଣି ପାଟିରେ ଲଗାଇଲେ। ଏହାପରେ ପୁଣିଥର ସେହି ଯନ୍ତ୍ରଣା ଅନୁଭବ କଲେ। ଏମିତିଭାବେ ସେ ପୃଥିବୀର ପ୍ରଥମ ଓ ଏକମାତ୍ର ବିଷାକ୍ତ ଚଢେଇ ସମ୍ପର୍କରେ ଜାଣିଥିଲେ। ଆଉ ସେ ଏ ସମ୍ପର୍କରେ ଅନ୍ୟ ସମସ୍ତଙ୍କୁ ଜଣାଇଥିଲେ। ଏହି ଚଢେଇକୁ ପରେ ପରୀକ୍ଷା କରିବାରୁ ଜଣାପଡିଲା ଯେ ଚଢେଇଟିର ପର, ଚର୍ମ, ଅନ୍ତଃଅଙ୍ଗ, ହାଡରେ ବିଷାକ୍ତ ପଦାର୍ଥ ରହିଛି। ତେବେ କିଛି ବୈଜ୍ଞାନିକ କହନ୍ତି, ‘ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥ ତା’ ଶରୀର ମଧ୍ୟରେ ସୃଷ୍ଟି ହୋଇ ନ ଥାଏ। ବରଂ ସେ ଏକପ୍ରକାରର ବିଷାକ୍ତ ପୋକ ଖାଇଥାଏ। ଫଳରେ ତା’ ଶରୀରରେ ବିଷାକ୍ତ ପଦାର୍ଥ ତିଆରି ହୋଇଥାଏ’।



## କାର୍ଟୁନ କର୍ନର





## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଷ୍ଟାଟସ୍ ସିମ୍ବଲ



ଥରେ ଦେଶରେ ଏକ ବଡ଼ ଦୁର୍ନୀତିର ପର୍ଦ୍ଦାଫାଶ ହେଲାପରେ ଜଣାପଡ଼ିଲା ବଡ଼ ବଡ଼ ନେତାମାନେ ହଜାର ହଜାର କୋଟି ଟଙ୍କା ହଡ଼ପ କରିଛନ୍ତି । ବିଭିନ୍ନ ଜାଗାରୁ କମିଶନି ଖାଇ ଦେଶର ପ୍ରଭୂତ କ୍ଷତି ଘଟାଇଛନ୍ତି । ଏଥିରେ ବଡ଼ ନେତାଙ୍କ ସହ ବେଶ୍ କିଛି ତଳିଆ ନେତାଙ୍କ ନାମ ଥାଏ । ପ୍ରାୟ ପ୍ରତ୍ୟେକଙ୍କ ନାଁରେ ଶହ ଶହ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଥାଏ । ସବୁ ଅଭିଯୋଗ ପଛରେ ଆମେ ଦେଖିଲୁ ଗୋଟେ ପରାକ୍ରମୀ ବ୍ୟତିକ୍ରମ । ଯାହାର ଯେତେ ବଡ଼ ରକମର ଦୁର୍ନୀତି ଓ ଅର୍ଥ ଆତ୍ମସାତ ତା'ର ଜାଣ ସେତିକି ଅଧିକ ଖାତିର । ଥରେ ଜଣେ ବଡ଼ ନାମୀ ନେତାଙ୍କ ନାମରେ ଆସିଲା ଦୁର୍ନୀତି ଅଭିଯୋଗ । ପରିମାଣ ମାତ୍ର ପାଞ୍ଚ କୋଟି ଟଙ୍କା । ଏହା ସେ ନେତାଙ୍କୁ ଖୁବ୍ କ୍ଷୁବ୍ଧ କରିଥିଲା । ତାଙ୍କ ଯୁକ୍ତି ଥିଲା ସେ କରୁଥିବା ପରିସ୍ରା ସୁଅରେ ପାଞ୍ଚ କୋଟି ଟଙ୍କା ଏମିତିରେ ଭାସି କୁଆଡେ ପଳେଇ ଯିବ । ଯେଉଁଠି ଅନାମଧେୟ କୁଜି ନେତାଙ୍କ ନାମରେ ଶହେ କି ହଜାରେ କୋଟି ଟଙ୍କାର ଦୁର୍ନୀତି ରହୁଛି ସେଇଠି ତାଙ୍କ ନାମରେ ମାତ୍ର ପାଞ୍ଚ କୋଟି ଟଙ୍କାର କଥା ଆସୁଛି ଅର୍ଥ ତାଙ୍କ ମାନ ସମ୍ମାନକୁ ଘୋର ଅପମାନ । ସେ କ'ଣ ଏଡ଼େ ଭିକାରି ! ତାଙ୍କ କହିବା କଥାରୁ ଆମେ ଯାହା ହୃଦବୋଧ କଲୁ ତାଙ୍କ ପଦମର୍ଯ୍ୟାଦାକୁ ଆଖିରେ ରଖି ଅନ୍ତତଃ ତାଙ୍କ ନାମରେ ପାଞ୍ଚ ହଜାର କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆସିବାର ଥିଲା ।

ସେହି ପ୍ରସଙ୍ଗରେ ଆମ ଘର ପାଖର ଏକ ଅଭାବନୀୟ ଘଟଣା ବିଷୟରେ କହୁଛି । ଆମ ଏରିଆର ମାନ୍ୟଗଣ୍ୟ ତଥା ଅତି ଖାନଦାନୀ ଘର ବୋଲାଉଥିବା ମିଶ୍ରବାବୁ ତାଙ୍କର ଏକ ମାତ୍ର ପୁତ୍ରକୁ ଭୀଷଣ ଗାଳି କରୁଥାନ୍ତି । ଗାଳି ତ ନୁହେଁ ଗୋଗଚ୍ଛ ମାଡ଼ ଯେମିତି । ମିଶ୍ରବାବୁଙ୍କ ବାପ ଅଜା ସରକାରଙ୍କ ବହୁ ଉଚ୍ଚ ପଦବୀରେ ରହି ଅଚଳାଚଳ ସମ୍ପତ୍ତି ଠୁଳ କରିଛନ୍ତି । ସରକାରୀ ମହଲରେ ତାଙ୍କ ପରିବାରର ଥାଏ ଅଖଣ୍ଡ ଦବଦବା । ଟଙ୍କା ପଇସା ତାଙ୍କ ହାତର ମଳି ବୋଲି ସେ କୁହନ୍ତି । ଅବଶ୍ୟ ଜନସେବା କାର୍ଯ୍ୟରେ ସେ ମଳି ଟିକକ କାହାକୁ ମିଳେନି । ସେହି ମିଶ୍ରବାବୁଙ୍କ ପାଟି ତାଙ୍କ ଖାନଦାନୀ ଘର ଚଉକାଠ ଡେଇଁ ବାହାରେ କମ୍ପୁଥିଲା । କିଛି ଲୋକ ଘଟଣା କ'ଣ ଜାଣିବାକୁ ଘର ଭିତରକୁ ଯାଇ ଦେଖିଲେ ମିଶ୍ରବାବୁ ତାଙ୍କ ମୁଣ୍ଡରେ ଥିବା ଆଙ୍ଗୁଠି ଗଣତି ବାଳ କେରାକ ରାଗରେ ଝିଙ୍କୁଛନ୍ତି । ଦେହ ଝାଳରେ ଜୁତୁବୁତୁ । କାରଣ କ'ଣ ପଚାରିବାରୁ ମିଶ୍ର ବାବୁ କହିଲେ, 'କ'ଣ କହିବି ଏ ଟୋକା ଖଣ୍ଡକୁ! ବାପ ଅଜାଙ୍କ ନାଁ ମାଟିରେ ମିଶେଇଦେଲା । ଏହି ଦିନ କେବେ ଆଖି ଦେଖିବ ମନରେ ନଥିଲା । ସ୍ୱପ୍ନରେ ମୁଁ ଭାବି ନ ଥିଲି ଆମ ଘର ପିଲା ଦାଣ୍ଡର ଛତରା ଛୁଆଙ୍କ ସହ ମିଶି ଭାଙ୍ଗ ଖାଇବ । ଛିଃ ! ଯିଏ ଶୁଣିବ ସେ ମୁହଁରେ ଲୁଗା ଦେଇ ହସିବ । ତାକୁ କ'ଣ ଟଙ୍କା ପଇସାରେ ଅଭାବ ? ଯେତେବେଳେ ଯାହା ମାଗିଛି ତାକୁ ମିଳିଛି । କୌଣସି କଥାରେ ମନା ହୋଇନି । ହେଲେ ଦେଖ ! ପ୍ରତିବଦଳରେ ଆମ ବଂଶର ମାନ ଇଜ୍ଜତକୁ କେମିତି ମାଟିରେ ପକେଇଲା । ଭାଙ୍ଗ କଥା ଛାଡ ଦେଶୀ ଦାରୁ କ'ଣ ଆମ ଜମିଦାରୀରେ କେହି ଶୁଣିନଥିବେ । ଘଟଣା କ'ଣ ଜାଣିବାକୁ ଯାଇଥିବା କିଛି ଭଦ୍ରଲୋକ ମିଶ୍ରବାବୁଙ୍କୁ ବୁଝେଇଲେ, ''ପିଲା ଲୋକ କୁସଙ୍ଗରେ ପଡି ଭାଙ୍ଗ ଟିକେ ଖାଇଦେଇଛି ତାକୁ ଏମିତି ଶୋଧା ନ କରି ବୁଝେଇଦେଲେ ବୁଝିଯିବନି ? ଆଜିକାଲିକା ଛୁଆ ରାଗ ମାଡ଼ରେ କ'ଣ ନା କ'ଣ କରି ବସିବ ଯଦି ! ମିଡିଆ ଦେଖି ଏଡ଼େ ଅନୁପ୍ରାଣିତ ଆମ ପିଲାମାନେ ଯେ ରାଗ ଆସିଲା ମାନେ ଘର ଛାଡ଼ିଦେବେ ନଚେତ ଗଳାରେ ରଶି ଲଗେଇ ଝୁଲି ପଡ଼ିବେ ।''

ମିଶ୍ରବାବୁ ପାଟି ବନ୍ଦ କରିଦେଲେ ସିନା ରାଗରେ ସେମିତି ଫଁ ଫଁ ହେଉଥାନ୍ତି । ଅନୁଚ୍ଚ ସ୍ୱରରେ ସେ କାହାକୁ କହୁଥିଲେ , '' ଆରେ ଯଦି ନିଶା ଖାଇବାର ଥିଲା ତେବେ ଚରସ, ବ୍ରାଉନ ସୁଗାର ଖାଇଥାନ୍ତୁ କି ସ୍କଚ୍ କି ସାମ୍ପେନ ପିଅନ୍ତୁ । ବଡ଼ ବଡ଼ ଘର ପିଲାଙ୍କ ସାଙ୍ଗରେ ମିଶି କ୍ଲବରେ ପିଅନ୍ତୁ । ସିନେମା ହିରୋଇନମାନଙ୍କ ମେଳରେ ରେଭ ପାର୍ଟି କରିଥାଆନ୍ତୁ । ଟଙ୍କା ଦେବାରେ ମନା ହୋଇଛି ନା ହେବ ? ବଂଶର ନାଁ ପକେଇ ସାହି ପିଲାଙ୍କ ସାଙ୍ଗରେ ମିଶି ଭାଙ୍ଗ ଖାଇବୁ ? ଛି ! ବାହାର ଲୋକ ଶୁଣିଲେ କ'ଣ ଭାବିବେ ? ଷ୍ଟାଟସ୍ ବୋଲି କିଛି ଅଛି ନା ନାହିଁ ? ଲୋକେ କହିବେ ମିଶ୍ର ଘରର ପୁଅ ଭାଙ୍ଗ ଗଞ୍ଜେଇ ଖାଉଛି ! ଭଦ୍ରଲୋକି କରିବାକୁ ମିଶ୍ରବାବୁଙ୍କ ଘରକୁ ଯାଇଥିବା ଲୋକ ମୁଣ୍ଡ ଆଉଁସି ଫେରିଲେ । ସତକଥା ଦୁନିଆ ବଦଳିଗଲାଣି ।

ଆମ ଘର ପଛ ସାହୁ ବାବୁଙ୍କ ଝିଅ ସହରର ସବୁଠୁ ଦାମୀ ସ୍କୁଲରେ ପଢ଼େ । ସାହୁ ବାବୁଙ୍କୁ ପିଲାଙ୍କ କଥା ପଚାରିଲେ ସେ ପାଠପଢା ଅପେକ୍ଷା ବୁଲେଇ ବଙ୍କେଇ ତାଙ୍କ ଝିଅ କେଉଁ ସ୍କୁଲରେ ପଢୁଛି , କେମିତି ଘୋଡ଼ା ଚଢୁଛି , କେଉଁ ଖାନଦାନିଆ ଘରର ପିଲା ସେ ସ୍କୁଲରେ ପଢୁଛନ୍ତି, କେତେ ଧନୀଲୋକଙ୍କ ପିଲା ତା' ସାଙ୍ଗ କହିବାରେ ଆନନ୍ଦ ପାଆନ୍ତି । ପିଲା ପାଇଁ ମାସିକ ଖର୍ଚ୍ଚରେ ଦୁଇଟା ଚାକିରିଆ ପୋଷି ହେବ କୁହନ୍ତି । ସେହିମାନଙ୍କୁ ବେଶି କୁହନ୍ତି ଯେଉଁମାନେ ତାଙ୍କ ଛୁଆକୁ ସରକାରୀ ସ୍କୁଲ କି ନୂଆ ନୂଆ ଖୋଲିଥିବା ସାଧାରଣ ବେସରକାରୀ ସ୍କୁଲରେ ପଢ଼ାଉଥାନ୍ତି । ଅଷ୍ଟମ ଶ୍ରେଣୀରେ ପଢୁଥିବା ସାହୁବାବୁଙ୍କ ଝିଅର ପାଠ ଅପେକ୍ଷା ଇଷ୍ଟାଇଲି ବେଶି । ଏଇ ବୟସରୁ ତା'ର ଅନେକ ବୟ ଫ୍ରେଣ୍ଡ । ଏଇଟା ଗୋଟେ ଷ୍ଟାଟସ୍ । ସାହୁ ବାବୁ ଝିଅର ରଙ୍ଗିଲା ଦିଗଟି ଦେଖନ୍ତି କି ନା କେଜାଣି ! କିଛି ଦିନ ତଳେ ଜଣେ ଖ୍ୟାତନାମା ବ୍ୟକ୍ତିଙ୍କ ଏକାଦଶାହକୁ ଯାଇଥିଲି । ଭଦ୍ରବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ଘଟିଥାଏ । ସେଠାରେ ସମବେଦନା ଜଣେଇବାକୁ ଆସିଥିବା ଦୁଇଜଣ ସମ୍ପର୍କୀୟଙ୍କ ବାର୍ତ୍ତାଳାପ ଶୁଣି ମୁଁ ଆଶ୍ଚର୍ଯ୍ୟ । ଜଣେ କହୁଥାନ୍ତି ଏତେ ବଡ଼ ଲୋକ ଅଥଚ କି ଦୟନୀୟ ମୃତ୍ୟୁ ଦେଖୁଛୁଟି । ସବୁ କର୍ମର ଫଳ । ଜୀବିତ ବେଳେ ତ ଆମମାନଙ୍କ ପାଇଁ କିଛି କଲେନି ଅଥଚ ଏମିତି ମଲେ ଯେ ସରମରେ କାହାକୁ କହିହେବନି । ବୁଝୁ ବୁଝୁ ଜଣାପଡ଼ିଲା ଝାଡ଼ାବାନ୍ତି, ଜ୍ୱର ଭଳି କରୋନା ଗୋଟେ କମନ୍ ରୋଗ ହେଇଗଲାଣି । ଦିନହୀନ ଦରିଦ୍ର ମଧ୍ୟ ସେ ରୋଗରେ ମରିବା ଏବେ ସାଧାରଣ କଥା । ଜଣେ ପ୍ରସିଦ୍ଧ ଲୋକ ହୋଇ ଯଦି ବ୍ରେନ ଷ୍ଟ୍ରୋକ, ହାର୍ଟ ଷ୍ଟ୍ରୋକ କି ବ୍ଲଡ଼ କ୍ୟାନ୍ସର ଭଳି ଆଭିଜାତ୍ୟ ରୋଗରେ ନ ମଲେ ତେବେ ଜୀବନବ୍ୟାପୀ କମେଇଥିବା ପ୍ରସିଦ୍ଧିରେ କି ଲାଭ । କିହୋ ଟ୍ରକ ଚାପାରେ କି ଅଟୋ ଓଲଟିବାରେ ଜଣେ ମରିବ ଓ ଏରୋପ୍ଲେନ କ୍ରାସ କି ବିଏମଡବ୍ଲ୍ୟୁ ଗାଡିରେ ଜଣେ ମରିବ, କ'ଣ ସମାନ କଥା !! ମରିବାରେ ବି କିଛି ଷ୍ଟାଟସ୍ ଅଛି ନା ନାହିଁ । ବଦନାମ ଭଳି ମଣିଷର ଚଳଣିର ସବୁ ବୁଲାଣିରେ ପ୍ରେଷ୍ଟିଜ

*ଗୋଟିଏ ବଡ଼ ପ୍ରସଙ୍ଗ ହେଲାଣି ।*

*ସତରେ ଦୁନିଆ ବଦଳିଗଲାଣି ।*

*- ବନମାଳୀ ଭବନ, ଖାନନଗର, କଟକ*


*ମୋ:୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ନିଷିଦ୍ଧ ଇଲାକାର ନିଶୀଥ ତାରା

**କେଶବ ଚନ୍ଦ୍ର ରାଉତରାୟ, ପ୍ରକାଶିକା-ପ୍ରଭାବତୀ ସାମଲ ହଂସପାଳ, ନହରକଣ୍ଟା, ଭୁବନେଶ୍ୱର , ମୂଲ୍ୟ-୧୫୦ଟଙ୍କା**


'ନିଷିଦ୍ଧ ଇଲାକାର ନିଶୀଥ ତାରା' ଗାଳ୍ପିକ କେଶବ ଚନ୍ଦ୍ର ରାଉତରାୟଙ୍କ ଏହି ପୁସ୍ତକରେ ୧୬ଟି ଗପ ସ୍ଥାନ ପାଇଛି । ପ୍ରଥମ ଗପ ନାମ ଅନୁସାରେ ଲେଖକ ପୁସ୍ତକର ନାମ ରଖିଛନ୍ତି । ଲେଖକଙ୍କ ମତରେ 'ଏ ସଂସାରରେ ସବୁ ସମ୍ଭାବନାମୟ । ସୁଖ ମୟୂଖ ସାତ ପର୍ବତର ସେପାରିରେ ନ ରହି ପାଖରେ ଅତି ପାଖରେ ଗେହ୍ଲେଇ ହବ । କେବଳ ଥରେ ମାତ୍ର ମନକୁ ବୁଝାଅନା । ଜୀବନ ଜିଜ୍ଞାସାକୁ ମଧୁମୟ କରନା । ରହୁଛି ତୁମ ଅପେକ୍ଷାରେ । ତମେ ବାପ, ପୁଅ ସ୍ୱର୍ଗରେ । କି ସୁଖରେ ମଜିଛ ? ମର୍ତ୍ତ୍ୟର ମାଟି-ଚନ୍ଦନକୁ କ'ଣ ଭୁଲି ଯାଇଛ ? ମୁଁ ନିଷିଦ୍ଧ ଇଲାକର ଇମାନଦାର ମଣିଷଟିଏ । ସଞ୍ଜରୁ ସକାଳ ଯାଏ ମୁଁ ତୁମ ନିଶୀଥ ତାରା । ଦିନ ଆସିବ, ସମୟ ହସିବ । ତମେ ମୋ ହାତଧରି ପାଖକୁ ଓଟାରି ନବ ।' ଏହା ଗାଳ୍ପିକଙ୍କ ପ୍ରଥମ ଗପର କିୟଦଂଶ । ଗାଳ୍ପିକଙ୍କ ଚମତ୍କାର ଶବ୍ଦ ସଂଯୋଜନା ଓ ଉପସ୍ଥାପନା ଅନ୍ୟମାନଙ୍କଠାରୁ ନିଆରା । ଗପଗୁଡିକ ବେଶ୍ ସୁଖପାଠ୍ୟ । ଆଶା ପୁସ୍ତକଟି ପାଠକଙ୍କୁ ନୂତନ ପ୍ରେରଣା ଯୋଗାଇବ ।




### ଆରଣ୍ୟକା

**ଡ.ବାସନ୍ତୀ ମହାନ୍ତି ଟାଇମ୍ ପାସ୍ ପ୍ରକାଶନ, ବରମୁଣ୍ଡା, ଭୁବନେଶ୍ୱର,ମୂଲ୍ୟ-୧୪୫ଟଙ୍କା**

'ଆରଣ୍ୟକା' ଗାଳ୍ପିକା ଡ.ବାସନ୍ତୀ ମହାନ୍ତିଙ୍କ ଗଳ୍ପ ପୁସ୍ତକ । ଯାହା ତାଙ୍କର ଦୀର୍ଘ ଦିନର ଦୁର୍ଗମ ଅରଣ୍ୟ ଘେରା ଜନଜାତି ଅଧ୍ୟୁଷିତ ଅଞ୍ଚଳରୁ ସାଉଣ୍ଟି ଥିବା ଅନୁଭୂତି ଓ ଅନୁଭବରେ ପ୍ରସ୍ତୁତି ଲେଖା । ଲେଖିକାଙ୍କର ମଧୁର ମିଥ୍ୟା ବୋଲି ଗୋଟିଏ ଗପ ଶେଷରେ ରହିଛି । ଘଟଣା ସତ୍ୟ । ଶୁଦୁର ବୋଲି ଗୋଟିଏ ଚରିତ୍ରକୁ ଲେଖିକା ବର୍ଣ୍ଣନା କରିଛନ୍ତି । ସେ ଗରୀବ ହେଲେ ବି ତାର ସଚ୍ଚୋଟ ପଣିଆ ଆଗରେ ଲେଖିକା ହାର ମାନିଛନ୍ତି । ଦୀନ ଦରିଦ୍ର ଶୁଦୁରର ସମୁଦ୍ର ପରି ବିଶାଳ ହୃଦୟର ତରଙ୍ଗ ମାଳାରେ ଲେଖିକା ସିକ୍ତ ହୋଇ ଯାଇଛନ୍ତି । ଦିନ ମଜୁରିଆ ଶୁଦୁରର ମଣିଷ ପଣିଆ ପାଖରେ ଲେଖିକାଙ୍କ ଅହଂକାର, ଆତ୍ମଭିମାନ ମୁହୂର୍ତ୍ତକ ମଧ୍ୟରେ ଭାଙ୍ଗି ଚୁରମାର ହୋଇଯାଇଛି । ପୁସ୍ତକର ଅନ୍ୟ ଗପଗୁଡିକ ମଧ୍ୟ ବେଶ୍ ମନଛୁଆଁ ଓ ସୁଖପାଠ୍ୟ । ଆଶା ପୁସ୍ତକଟି ପାଠକଙ୍କୁ ଛୁଇଁବ ବୋଲି ଆଶା କରାଯାଏ ।




### ହାତୀ ପାଇଁ ହୃଦୟଟିଏ

**ଅରବିନ୍ଦ ବେହେରା, ଶିକ୍ଷା ସନ୍ଧାନ, ଆଇ.ଆର.ସି.ଭିଲେଜ, ଭୁବନେଶ୍ୱର-୧୫, ମୂଲ୍ୟ-୩୮୦ଟଙ୍କା**

ଦକ୍ଷିଣ ଆଫ୍ରିକାର ବନ୍ୟଜନ୍ତୁ ସଂରକ୍ଷକ ଲରେନସ୍ ଆନ୍ଥୋନୀଙ୍କ THE ELEPHANT WHISPERER ଛାୟାରେ ପୁସ୍ତକଟି ଲେଖାଯାଇଛି । ପୁସ୍ତକର ମୁଖ୍ୟ ନାୟକ ହେଉଛନ୍ତି ହାତୀ । ସେମାନେ ଭାରତୀୟ ହାତୀ ନୁହନ୍ତି, ଆଫ୍ରିକୀୟ ହାତୀ । ଏହାର ପାର୍ଥକ୍ୟ ହେଲା ଆଫ୍ରିକୀୟ ହାତୀ କାନଗୁଡିକ ବଡ । ଆନ୍ଥୋନୀ ଥିଲେ ହାତୀ ପ୍ରେମୀ । ସେ 'ଥୁଲା ଥୁଲା'ନାମକ ଦକ୍ଷିଣ ଆଫ୍ରିକା ଜୁଲୁ ରାଜ୍ୟରେ ଥିବା ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରର ମାଲିକ । ସେ ଦିନେ ହଠାତ୍ ସୂଚନା ପାଇଲେ ସେଠାରୁ କେତେଶହ ମାଇଲ ଦୂରରେ ଉପଦ୍ରବକାରୀ ହାତୀ ଅଛନ୍ତି । ସେମାନଙ୍କ ଦାୟିତ୍ୱ କାହାକୁ ନେବାକୁ ପଡିବ । ନଚେତ ତାଙ୍କୁ ମାରି ଦିଆଯିବ । ଆନ୍ଥୋନୀ ଏହାର ଦାୟିତ୍ୱ ନେଲେ ଓ ନିଜ ରିଜର୍ଭରେ ରଖିବାକୁ ସମ୍ମତ ଦେଲେ । ବହିଟି ବ୍ରିଟେନ୍ ଦେଶର ଆନ୍ଥୋନୀ ଓ ତାଙ୍କର ଫରାସୀ ପତ୍ନୀ ଫ୍ରାନ୍ସୋଆଙ୍କର ଆଫ୍ରିକୀୟ ଜଙ୍ଗଲରେ ରୋମାଞ୍ଚକର ଅନୁଭୂତିର କାହାଣୀ । ପୁସ୍ତକଟି ହାତୀ ମଣିଷର ସମ୍ପର୍କ ଉପରେ ଲିଖିତ । ଏହାକୁ ପାଠକଲେ ନିଶ୍ଚୟ ବୁଝାପଡିବ ।



# କନିଆ ପିନ୍ଧିଲେ ଗୁପ୍‌ଚୁପ୍ ହାର ଓ ମୁକୁଟ



ଭାରତରେ ଏମିତି କେହି ନ ଥିବେ ଯାହାକୁ ଗୁପ୍‌ଚୁପ୍ ଭଲ ଲାଗୁ ନ ଥିବ। ପୁଅ ଝିଅ, ବଡଠୁ ଛୋଟ ସମସ୍ତଙ୍କର ପ୍ରିୟ ଗୁପ୍‌ଚୁପ୍। ଏଇ ଗୁପ୍‌ଚୁପ୍ ପାଇଁ ଦକ୍ଷିଣ ଭାରତର ଜଣେ ଯୁବତୀ କେତେ ପାଗଳୀ ତାହା ତାଙ୍କର ଏକ ଭିଡିଓରୁ ଜାଣିପାରିବେ। ଉକ୍ତ ଭାଇରାଲ ଭିଡିଓରେ ଦେଖିବାକୁ ମିଳେ, ଯୁବତୀଜଣକ ତାଙ୍କ ବିବାହ ଦିନ କନିଆ ବେଶ ହାଇ ବସିଥିବାବେଳେ ତାଙ୍କୁ ପିନ୍ଧାଯାଇଛି ଗୁପ୍‌ଚୁପ୍‌ର ହାର, ଆଉ ମୁଣ୍ଡରେ ଗୁପ୍‌ଚୁପ୍‌ର ମୁକୁଟ। କେବଳ ସେତିକି ନୁହେଁ ସେ ବସିଥିବା ସ୍ଥାନ ପାଖର ସାଜସଜ୍ଜା ବି ଗୁପ୍‌ଚୁପ୍‌ରେ ହୋଇଥିବା ଦେଖିବାକୁ ମିଳେ। ଗୁପ୍‌ଚୁପ୍ ପ୍ରିୟ ଏହି କନିଆଙ୍କ ନାମ ହେଉଛି ଅକ୍ଷୟା। ସେ ଏହି ହାର ଓ ମୁକୁଟରେ ବେଶ୍ ସୁନ୍ଦର ଦେଖାଯାଉଥିଲେ। ଆଉ ସେଠାକାର ପରିବେଶ ବେଶ୍ ମଜାଦାର ଥିଲା ବୋଲି ମଧ୍ୟ ଭିଡିଓଟିରୁ ଜଣାପଡୁଛି।



ବ୍ୟାକ୍ ପେଜ୍

# ୪୨ ଫୁଟ୍‌ର ଲମ୍ବା ନଖ



**ଆ**ମେରିକାର ୬୩ ବର୍ଷୀୟା ଡାଏନା ଆର୍ମଷ୍ଟ୍ରଙ୍ଗ ଦୀର୍ଘ ୨୫ ବର୍ଷ ହେବ ନିଜ ଦୁଇ ହାତର ନଖ କାଟି ନାହାନ୍ତି। ଫଳରେ ଏବେ ତାଙ୍କ ଦୁଇ ହାତର ନଖର ଲମ୍ବ ୪୨ ଫୁଟ୍‌ରୁ ଅଧିକ ହୋଇଗଲାଣି। କହିବାକୁ ଗଲେ ଏକ ବସ୍‌ର ଲମ୍ବଠାରୁ ବି ତାଙ୍କ ନଖର ଲମ୍ବ ଅଧିକ। ଫଳରେ ତାଙ୍କ ନାମ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ତେବେ ସେ ଫ୍ୟାଶନ କିମ୍ବା ରେକର୍ଡ କରିବା ଉଦ୍ଦେଶ୍ୟରେ ନଖ ବଢାଇ ନାହାନ୍ତି। ବରଂ ଏତେ ଲମ୍ବା ନଖ ରଖିବା ପଛରେ ଡାଏନାଙ୍କ ଜୀବନର ଏକ ଦୁଃଖଦ କାହାଣୀ ଜଡିତ ଅଛି। ଡାଏନାଙ୍କର ଏକ ଝିଅ ଥିଲା, ଯାହାର ନାଁ ଲତିଶା ଥିଲା। ମାତ୍ର ୧୬ ବର୍ଷ ବୟସରେ ଲତିଶାଙ୍କର ମୃତ୍ୟୁ ଅସ୍ଥମା ଆଟାକ୍‌ରେ ହୋଇଗଲା। ଲତିଶା ମା’ ଡାଏନାଙ୍କର ବହୁତ ଯତ୍ନ ନେଉଥିଲେ। ସେ ମା’ଙ୍କ ନଖ କାଟିବା, ମାନେକ୍ୟୋର କରିବା, ନେଲପଲିଶ ଲଗାଇବା ଆଦି କାମ ଭାରି ଖୁସିରେ କରୁଥିଲେ। ୧୯୯୭ରେ ଯେବେ ଲତିଶାଙ୍କର ମୃତ୍ୟୁ ହୋଇଗଲା ଡାଏନା ଦୁଃଖରେ ଭାଙ୍ଗିପଡିଲେ। ଆଉ ନିଜର ନଖ ପ୍ରତି ଜମାରୁ ନଜର ଦେଲେନି। ନଖ କାଟିବା ପୁରା ବନ୍ଦ କରିଦେଲେ। ଫଳର ନଖ ଧୀରେ ଧୀରେ ବଢି ଲମ୍ବା ହେବାକୁ ଲାଗିଲା। ଆଉ ଏତେ ଲମ୍ବା ହୋଇଗଲା ଯେ, ଗିନିଜ ୱାର୍ଲଡ ରେକର୍ଡସରେ ସବୁଠାରୁ ଲମ୍ବା ନଖଭାବେ ସ୍ଥାନ ପାଇଲା। ତାଙ୍କର ଏହି ଲମ୍ବା ନଖର ଯତ୍ନ ଏବେ ତାଙ୍କ ନାତୁଣୀ ନେଉଛନ୍ତି। ତାଙ୍କ ନଖରେ ନେଲପେଣ୍ଟ କରିବା ପାଇଁ ଥରକରେ ୧୦-୧୫ଟି ନେଲପଲିସ୍ ବୋତଲ ଆବଶ୍ୟକ ହୁଏ। ଡାଏନା କୁହନ୍ତି, ‘ନଖ ଏତେ ଲମ୍ବା ହୋଇଯିବାରୁ ମୁଁ ଏବେ ଆଉ ବାହାରକୁ ବିଶେଷ ଯାଉନାହିଁ। ତଥାପି ମୋର କେବେବି ନଖ କାଟିବାକୁ ଇଛା ହୋଇନାହିଁ।’

# ମେଣ୍ଢାର ଦାମ କାର୍‌ଠୁ ବେଶୀ



**ଆ**ଫ୍ରିକୀୟ ଦେଶରେ ଏକ ମେଣ୍ଢାକୁ ନିଜ ଷ୍ଟାଟସ୍ ଓ ସମ୍ମାନର ପ୍ରତୀକଭାବେ ଗଣନା କରାଯାଏ। ତାହାର ନାଁ ହେଉଛି ‘ଲୋଡୌମ୍’। ଏହି ମେଣ୍ଢା ‘କିଙ୍ଗ ଅଫ୍ ସିପ୍’ ଭାବେ ମଧ୍ୟ ପରିଚିତ। ଆଉ ଏହାର ମୂଲ୍ୟ ହେଉଛି ୮୫୦୦୦ ଡଲାର। କାର୍, ଘରଠୁ ବି ଏହାର ଦାମ ଅଧିକ। ଏହି ମେଣ୍ଢାଗୁଡିକ ଖୁବ୍ ବଡ଼, ଯାହାର ଲମ୍ବ ପ୍ରାୟତଃ ୧.୨ ମିଟର ଓ ଓଜନ ୧୭୫ କି.ଗ୍ରା.ରୁ ଉର୍ଦ୍ଧ୍ୱ ହୋଇଥାଏ। ବଡ ବଡ ଲମ୍ବା ମୋଡି ହୋଇ ରହିଥିବା ଶିଙ୍ଗ ଓ ତା’ର ଠାଣି ତାକୁ ରାଜକୀୟ ଲୁକ୍ ଦେଇଥାଏ। ତେଣୁ ଆଫ୍ରିକାର ପ୍ରାୟ ସମସ୍ତେ ସ୍ୱପ୍ନ ଦେଖନ୍ତି ଦିନେ ଏହି ମେଣ୍ଢାରୁ ଗୋଟିଏ କିଣିବେ। ଏହି ମେଣ୍ଢା ଦେଖିବାକୁ ଏତେ ସୁନ୍ଦର ଯେ, ଏହାକୁ ନେଇ ବିଉଟି କଣ୍ଟେଷ୍ଟ ବି ହୁଏ।

